### ଢ଼ାବା ଉପରେ ଚଢ଼ାଉ: ମଦ ଜବତ

ବାଉଁଶୁଣୀ,(ଡି.ଏନ.ଏ.): ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ବୈଦ୍ୟନାଥପୁର ଗ୍ରାମ ନିକଟରେ ଥିବା ଏକ ଢାବାରେ ପୋଲିସ ଚଢ଼ାଉ କରି ବହୁ ପରିମାଣର ବିଦେଶୀ ମଦ ଜବତ କରିଛି । ଏହି ଘଟଣାରେ ଢାବା ମାଲିକ ଯୋଦ୍ଧାବୀର ମେହେରଙ୍କୁ ଗିରଫ କରାଯାଇଛି । ଏ ନେଇ ନଂ ୧୪୬/୨୧ରେ ମାମଲା ରୁଜୁ ହୋଇଛି । ସବ୍ ଇନ୍ସପେକ୍ଟର ବି. ଡି. ମଲ୍ଲିକଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚଢ଼ାଉ କରି ୧୦ ଲିଟର ବିୟର ଓ ବିଦେଶୀ ମଦ ଜବତ କରିଥିଲା ।




## ସଂକ୍ଷେପରେ

### ଗାଁ ଦାଣ୍ଡରେ ବଜ୍ରକାପ୍ତା



ବରପାଲି,୧୭।୧୦(ଡି.ଏନ.ଏ): ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ରେମତା ଗାଁ ଦାଣ୍ଡରୁ ଶନିବାର ବିଳମ୍ବିତ ରାତିରେ ଏକ ବଜ୍ରକାପ୍ତା ଉଦ୍ଧାର ହୋଇଛି। ବଜ୍ରକାପ୍ତାଟି ଗାଁ ଦାଣ୍ଡରେ ରାବ କରୁଥିବା ଶୁଣି ଜଣେ ଯୁବକ ପ୍ରଥମେ ତାକୁ ଦେଖିଥିଲେ ଏବଂ ଗ୍ରାମବାସୀଙ୍କୁ ଡାକିଥିଲେ। ଏହାପରେ ଲୋକଙ୍କ ଭିଡ଼ ହୋଇଥିଲା। ଖବର ପାଇ ପୋଲିସ ଓ ବନ ବିଭାଗ କର୍ମଚାରୀ ସେଠାକୁ ପହଞ୍ଚିଥିଲେ ଏବଂ ବନ ବିଭାଗ କର୍ମଚାରୀମାନେ ବଜ୍ରକାପ୍ତାକୁ ସାଙ୍ଗରେ ନେଇ ଯାଇଥିଲେ।

### ଯୁବତୀ ଚାଲାଣ ଅଭିଯୋଗ: ଜଣେ ଗିରଫ

ରାଉରକେଲା ଅଫିସ,୧୭।୧୦: ପଞ୍ଜାବରେ ଚାକିରି କରାଇଦେବାକୁ କହି ଦୁଇଜଣ ଯୁବତୀଙ୍କୁ ଚାଲାଣ କରିଥିବା ଅଭିଯୋଗରେ ଜିଆରପି ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁର ଲୁଗୁନ(୩୨) । ତାଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ପୋଲିସ ଏ ନେଇ ମାମଲା (ନଂ.୫୮/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ଝାଡ଼ଖଣ୍ଡ ଜିଲା ଖୁଣ୍ଟି ଅଞ୍ଚଳର ସୁର ଗତ ୧୫ ତାରିଖରେ ଉତ୍କଳ ଏକ୍ସପ୍ରେସରେ ୨ ଜଣ ଯୁବତୀଙ୍କୁ ପଞ୍ଜାବରେ ଚାକିରି କରାଇଦେବ ବୋଲି କହି ନେଇଯାଉଥିଲେ। ଟ୍ରେନର ସୁରକ୍ଷାକର୍ମୀ ଉକ୍ତ ଦୁଇଜଣ ଯୁବତୀଙ୍କୁ ଦେଖି ତାଙ୍କୁ କୁଆଡ଼େ ଯାଉଛ ବୋଲି ପଚାରିଥିଲେ। ମାତ୍ର ୨ ଜଣ ଯୁବତୀ ତାଙ୍କୁ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଯୁବତୀଙ୍କ ପାଖ ସିଟ୍‌ରେ ବସିଥିବା ସୁରଙ୍କୁ ଏ ନେଇ ପଚାରିବାରୁ ସେ ସେମାନଙ୍କୁ କାମରେ ଲଗାଇ ଦେବାକୁ ପଞ୍ଜାବ ନେଇ ଯାଉଥିବା କହିଥିଲେ। ସନ୍ଦେହ ହେବାରୁ ସୁରକ୍ଷାକର୍ମୀମାନେ ଜଣେ ଯୁବତୀଙ୍କ ସହ ଜଣେ ନାବାଳିକାଙ୍କୁ ଉଦ୍ଧାର କରି ରେଳବାଇ ପୋଲିସ ଜିମା ଦେଇଥିଲେ।

# କାଞ୍ଚନମୁହିଁ ଗାଁରେ ହାତୀ ଉପଦ୍ରବ

ଲାଞ୍ଜିଗଡ଼,୧୭।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥ ରେଞ୍ଜ ଅଞ୍ଚଳରେ ଆଜକୁ ୧ ମାସ ହେଲା ହାତୀଶାଳ ପିଆରଏଫରେ ୨୫ରୁ ଊର୍ଦ୍ଧ୍ୱ ହାତୀ ରହିଥିବା ବେଳେ ଶୁକ୍ରବାର ରାତିରେ ପୁଣି ମୂଷାନାଳ ଫରେଷ୍ଟ ଅଧୀନ ବନ୍ଧପାରି ପଞ୍ଚାୟତ କାଞ୍ଚନମୁହିଁ ଗାଁରେ ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ହାତୀପଲ ୫ ଘର ଭାଙ୍ଗିବା ସହ ୪ଟି ଶୈଚାଳୟ, ଧାନ, ଚାଉଳ, କାନ୍ଦୁଲ, ମାଣ୍ଡିଆ, ମକା, ଘର ଆସବାବପତ୍ର ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ନଷ୍ଟ କରିଦେଇଛନ୍ତି। ସୂଚନା ମୁତାବକ ୨୫ରୁ ଊର୍ଦ୍ଧ୍ୱ ହାତୀପଲ ମୂଷାନାଳ ଫରେଷ୍ଟ ଅଧୀନ ବନ୍ଧପାରି ବିଟ୍‌ର ବୁରୀ ଜଙ୍ଗଲରୁ ବାହାରି ଗତ ରାତି ୧୧ଟାରେ କାଞ୍ଚନମୁହିଁ ଗାଁରେ ପଶି ଗର୍ଜନ କରିବା ପରେ ଲୋକେ ଭୟଭିତ ହୋଇଥିଲେ। ଲୋକେ ନିଜ ପରିବାରବର୍ଗଙ୍କୁ ନେଇ ନିକଟସ୍ଥ ଗାଁ ବାଲିସରାକୁ ଚାଲିଯାଇଥିଲେ। ହାତୀପଲ ରାତି ୪ଟା ପର୍ଯ୍ୟନ୍ତ ତାଣ୍ଡବ ରଚିଥିଲେ। ପ୍ରଥମେ ଗାଁର ମାଳତୀ ମାଝିଙ୍କ ଘର ଓ ଶୈଚାଳୟ ଭାଙ୍ଗି ଚାଉଳ, କାନ୍ଦୁଲ, ଧାନ ଖାଇ ନଷ୍ଟ କରିବା ପରେ ଆବାସପତ୍ର ସମ୍ପୂର୍ଣ୍ଣ ଭାବେ ନଷ୍ଟ କରି ଦେଇଥିଲେ। ଗାଁର ସାନ୍ଧ୍ୟା ମାଝିଙ୍କ ୨ଟି ଘର ଓ ଶୈଚାଳୟ, ମାଧବ ମାଝି ଓ ଡ଼ମ୍ଭେ ମାଝିଙ୍କ ୨ଟି ଘର ଓ ୨ଟି ଶୈଚାଳୟ ଭାଙ୍ଗି ଧାନ, କାନ୍ଦୁଲ, ଚାଉଳ ନଷ୍ଟ କରିଥିବା ଦେଖିବାକୁ ମିଳିଛି। ସକାଳ ପରିବାର ସହ ଗାଁକୁ ଆସି ନିଜର କ୍ଷୟକ୍ଷତି ଦେଖିଥିଲେ। ପରେ ମୂଷାନାଳ ଫରେଷ୍ଟର ଚିନ୍ତାମଣି ମାଝିଙ୍କୁ ଖବର ଦେଇଥିଲେ। ଫରେଷ୍ଟର ଘଟଣା ସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଚାଉଳ ଗୋଟିଏ ବସ୍ତା ଯୋଗାଇ ଦିଆଯାଇଥିବା ବେଳେ ମୂଷାନାଳ ଏମଏଡି ସଂଘ ଓ ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷ ଫକୀର ମୋହନ ମାଝି ଗାଁକୁ ଯାଇ ବିସ୍କୁଟ, ରୁଟି, ଚୁଡା ଆଦି ଶୁଖିଲା ଖାଦ୍ୟ ଯୋଗାଇଥିଲେ। ଗରିବ ଲୋକଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ହାତୀ ଭୟରେ ଥିବା କାଞ୍ଚନମୁହିଁ ଗାଁ ଲୋକେ।

- ୫ ଘର, ଚାଉଳ ସହ ଆସବାବ ପତ୍ର ନଷ୍ଟ କଲେ
- ଭୟଭିତ ଲୋକେ ଅନ୍ୟ ଗାଁକୁ ଚାଲିଗଲେ

## ଉପରଝରର ପାଟଖଣ୍ଡା ଯାତ୍ରା ସମ୍ପନ୍ନ



ଉପରଝରରେ ପାଟଖଣ୍ଡା ଦେବତା ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ।

ଦେଓଗାଁ,୧୭।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ ଉପରଝରଠାରେ ରୀତିନୀତି ଅନୁସାରେ ପାଟଖଣ୍ଡା ଯାତ୍ରା ଅନୁଷ୍ଠିତ ହୋଇଛି । ରବିବାର ସକାଳେ ପାଟଖଣ୍ଡା ଆବିର୍ଭାବ ହୋଇ ଭକ୍ତଙ୍କ ହାରିଗୁହାରୀ ଶୁଣିବା ପରେ ପାରମ୍ପାରିକ ବାଦ୍ୟର ତାଳେତାଳେ ନୃତ୍ୟକରି ସ୍ୱସ୍ଥାନ ପ୍ରତ୍ୟାବର୍ତ୍ତନ କରିବା ସହ ଯାତ୍ରା ସମାପନ ହୋଇଥିଲା। ଜରାସିଂହାରେ ୫ଦିନ ଧରି ଯାତ୍ରା ହୋଇଥିବା ବେଳେ ଏଠାରେ ୩ଦିନ ହୋଇଥାଏ । ଚଳିତବର୍ଷ କରୋନା କଟକଣା ରହିଥିବାରୁ ଶ୍ରଦ୍ଧାଳୁଙ୍କୁ ଯାତ୍ରାସ୍ଥଳ ଆସିବା ପାଇଁ ବାରଣ କରାଯାଇଥିଲା। କରୋନା କଟକଣା ଯୋଗୁଁ ଆଜକୁ ୨ବର୍ଷ ହେଲା ଯାତ୍ରା ମାହୋଲ ଫିକା ପଡିଛି । କେବଳ ରୀତିନୀତି ଓ ପରମ୍ପରା ଅନୁସାରେ ପୂଜାବିଧି ସମାପନ କରାଯାଉଛି। ମୁଖ୍ୟ ବରୁଆ ବନବାସ ସେଠ, ବିରୁପାଣି ଗଣ୍ଡା ସେଠ, ଭୂଜନିଆ ତର୍କଚନ୍ଦ୍ର ଭୋଇ, ଡେବରିଆ ଭାବେ ରାଧାକାନ୍ତ ପଧାନ, ମଶାଲିଆ କପିଳେଶ୍ୱର ସାହୁ , ୩୨ ଦେହୁଲୀ ତଥା ପାଟଖଣ୍ଡା ଯାତ୍ରା ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ ।

## ଗଛରେ ପିଟିହେଲା ବୋଲେରୋ, ଚାଳକ ମୃତ

ରାଉରକେଲା ଅଫିସ,୧୭।୧୦

ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଗୋଟିଧରା ଅଞ୍ଚଳରେ ରବିବାର ଭାରସାମ୍ୟ ହରାଇବାରୁ ଏକ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସନ୍ତୋଷ କୁମାର ମହାପାତ୍ର(୨୬)।

ବରସୁଆଁ ଅଞ୍ଚଳର ସନ୍ତୋଷ କୌଣସି କାମ ପାଇଁ ନିଜ ବୋଲେରୋ (ନଂ.ଓଡ଼ି୧୪ଜି/୯୦୧୦) ଯୋଗେ ରାଉରକେଲା ଅଭିମୁଖେ ଯାଉଥିଲେ। ଏହି ସମୟରେ ଗୋଟିଧରା ଛକ ନିକଟରେ ଗାଡ଼ି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛକୁ ଦକ୍କା ଦେଇଥିଲା। ଫଳରେ ଗାଡ଼ିର କାଚ ସନ୍ତୋଷଙ୍କ ମୁଣ୍ଡରେ ପଶି ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୯୬/୨୧)ରୁଜୁ କରି ଘଟଣାର ତଦନ୍ତ କରୁଛି।

## ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ବରଗଡ଼ ଅଫିସ୍,୧୭।୧୦

ବରଗଡ଼ ଜିଲା ବିଜେପୁର ଥାନା ମୁଣ୍ଡୋମହୁଲ ଗ୍ରାମରେ ସ୍ତ୍ରୀ ହତ୍ୟା ଅଭିଯୋଗରେ ପୋଲିସ ସ୍ୱାମୀଙ୍କୁ ରବିବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସତ୍ୟବାନ ରଣା। ତାଙ୍କ ବିରୋଧରେ ବିଜେପୁର ଥାନାରେ ଏକ ମାମଲା (ନଂ.୧୯୮/୨୧) ରୁଜୁ ହୋଇଛି।

ପ୍ରକାଶ ଯେ, ଗାଇସିଲେଟ ଥାନା କନ୍ଦାଗାଡ଼ ଗ୍ରାମର ପିତାମ୍ବର ରଣାଙ୍କ ଝିଅ ରୁଜି ୨ବର୍ଷ ତଳେ ସତ୍ୟବାନଙ୍କୁ ବିବାହ କରିଥିଲେ। ବିବାହ ପରେ ସତ୍ୟବାନ ରୁଜିଙ୍କୁ ଯୌତୁକ ନିର୍ଯାତନା ଦେଇ ଆସୁଥିବା କନ୍ୟାପକ୍ଷ ଅଭିଯୋଗ କରିଛନ୍ତି। ତେବେ ଦଶହରାରେ ରୁଜିଙ୍କୁ ଧରି ସତ୍ୟବାନ କନ୍ଦାଗାଡ଼ସ୍ଥିତ ଶ୍ୱଶୁର ଘରକୁ ଆସିଥିଲେ। ଗତ ୧୫ତାରିଖରେ ଉଭୟେ ପୁଣି ମୁଣ୍ଡୋମହୁଲକୁ ଫେରି ଯାଇଥିଲେ। ୧୬ତାରିଖରେ ଶ୍ୱଶୁର ଘରେ ରୁଜିଙ୍କ ମୃତଦେହ ମିଳିଥିଲା। ସତ୍ୟବାନ ତାଙ୍କୁ ହତ୍ୟା କରିଥିବା ନେଇ ରୁଜିଙ୍କ ବାପା ପିତାମ୍ବର ବିଜେପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସେହିପରି ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଛି।



ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ହାଜର କରିଛି।

## ‘ପ୍ରେମିକାର ଆକାଶ’ ଉନ୍ମୋଚିତ

ବରଗଡ଼ ଅଫିସ୍,୧୭।୧୦

ବରଗଡ଼ର କବୟିତ୍ରୀ ପ୍ରବାସିନୀ ହୋତାଙ୍କ ପ୍ରଥମ କବିତା ସଙ୍କଳନ ‘ପ୍ରେମିକାର ଆକାଶ’ ଗତ ୧୫ତାରିଖରେ ପଦ୍ମ ବିଭୂଷଣ ରମାକାନ୍ତ ରଥଙ୍କ ଭୁବନେଶ୍ୱର ସ୍ଥିତ ବାସଭବନ ପ୍ରାଙ୍ଗଣରେ ଉନ୍ମୋଚିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପଦ୍ମ ବିଭୂଷଣ ରମାକାନ୍ତ ରଥ, କବି ରାଜେନ୍ଦ୍ର କିଶୋର ପଣ୍ଡା, କେନ୍ଦ୍ର ସାହିତ୍ୟ ଏକାଡ଼େମୀର ପୂର୍ବତନ ସଭାପତି ସାତକଡ଼ି ହୋତା, ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, କାଦମ୍ବିନୀର ସମ୍ପାଦିକା ଡଃ ଇତି ସାମନ୍ତ ପ୍ରମୁଖ ଉପସ୍ଥିତ ରହି ଏହାକୁ ଉନ୍ମୋଚନ କରିଥିଲେ। ଏଥିରେ ଗାଳ୍ପିକା ଇନ୍ଦିରା ଦାସ ସଭାପତିତ୍ୱ କରିଥିଲେ। କବୟିତ୍ରୀ ହୋତା ସ୍ୱରଚିତ କବିତା ସଙ୍କଳନ ଉପରେ ନିଜ ମତ ରଖିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।



ଅସ୍ୱୀକରଣ : *ସବୁ ଲୋନ୍ସ ସମ୍ପୂର୍ଣ୍ଣ ରୂପେ ଏଚ୍‌ଡିଏଫ୍‌ସି ଲିମିଟେଡ୍‌ର ବିଚାରାଧୀନ ଅଟେ । ନିୟମ ଓ ସର୍ତ୍ତାବଳୀର ବିବରଣୀ ପାଇଁ ଭିଜିଟ୍ କରନ୍ତୁ www.hdfc.com CIN: L70100MH1977PLC019916.
HDFC2211-21 Odi

## ଝରକା ତାଡ଼ି ସୁନା ଅଳଙ୍କାର ଲୁଟ୍

ରାଉରକେଲା ଅଫିସ,୧୭।୧୦: ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ଥାନା ଅନ୍ତର୍ଗତ ସାରନଗରୀ ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଘର ଝରକା ତାଡି ସୁନା ଅଳଙ୍କାର ଲୁଟ୍ ହୋଇଛି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୫୦/୨୧) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସାରନଗରୀ କ୍ୱାର୍ଟର୍ସ ନଂ. ବି-୧୦୨ରେ ରହୁଥିବା ବିଚିତ୍ର ଖୁଣ୍ଟିଆ ଶନିବାର ସନ୍ଧ୍ୟାରେ କୌଣସି କାମ ପାଇଁ ନିକଟସ୍ଥ ମାର୍କେଟକୁ ଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ତାଙ୍କ ଘର କବାଟ ଭାଙ୍ଗି ଆଲମିରାରେ ଥିବା ସୁନା ଅଳଙ୍କାର, ମୋବାଇଲ ଏବଂ ନଗଦ ୪୨ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ବିଚିତ୍ର ଏ ନେଇ ରାତି ସାଢ଼େ ୯ଟାରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ଆଦିବାସୀ କଲ୍ୟାଣ ସଂଘର ନୂଆଁଖାଇ ଭେଟ୍‌ଘାଟ

ପାଟଣାଗଡ଼,୧୭।୧୦(ଡି.ଏନ.ଏ): ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଖୁଣ୍ଟସମଲେଇ ବଜାର ପଡିଆରେ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇ ଯାଇଛି। ସଂଘର ବ୍ଲକ ସମ୍ପାଦକ ସାରଥୀ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭେଟ୍‌ଘାଟରେ ମୁଖ୍ୟ ଅତିଥିଭାବେ ସଂଘ ମହାସଚିବ ନିରଞ୍ଜନ ବିଶି ଯୋଗଦେଇଥିଲେ। ସରକାର ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଅନଲାଇନ ଶିକ୍ଷା ପାଇଁ ସ୍ମାର୍ଟଫୋନ ଯୋଗାଇ ଦେବାକୁ ଦାବି କରିଥିଲେ। ଏହାସହ ଆଦିବାସୀଙ୍କ ପ୍ରତି ହେଉଥିବା ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ, ନକଲି ଆଦିବାସୀଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲା କାର୍ଯ୍ୟକାରୀ ସଭାନେତ୍ରୀ ବନଲତା ମାଝୀ, ଜିଲା ସମ୍ପାଦକ ହେମେନ୍ଦ୍ର ହାଁସଦା, ରାଜକିଶୋର ଛତ୍ରିଆ, ଟଙ୍କଧର ଧରୁଆ, ଜତନ ବୁଡେକ, ଡମ୍ବରୁ ଧରୁଆ, ଦୁର୍ଯ୍ୟୋଧନ ଭୋଇ, ଝସକେତନ ଧରୁଆ, ସନ୍ତୋଷ ପୁଟା, ଠାକୁର ଭୋଇ, ଲେକ୍ରୁ ଧରୁଆ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଗିରିଧାରୀ ଭୋଇ ସଭା ପରିଚାଳନା କରିଥିଲେ।



## ନକଲି ମଦ ଜବତ, ୬ ଗିରଫ

**ରାଉରକେଲା ଅଫିସ:** ରାଉରକେଲା ଅବକାରୀ ପୋଲିସ ରବିବାର ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ନକଲି ମଦ ଜବତ କରିବା ସହ ୬ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବନ୍ଧମୁଣ୍ଡା ଅଞ୍ଚଳର ବିଜୟ ପ୍ରସାଦ (୨୪), ବୀରେନ୍ଦ୍ର ପ୍ରସାଦ(୨୩), କମଳାକାନ୍ତ ପ୍ରସାଦ(୩୪), କାଟିନ ଅଞ୍ଚଳର ଶେଖର ଚନ୍ଦ୍ର ବଙ୍କରା(୨୩), ଜଳଦାର ମଲେନ ଲୋହାର(୩୨) ଏବଂ ଗୁରୁବାରି ଲୋହାର(୩୬)। ସେମାନଙ୍କଠାରୁ ୭୦ ଲିଟର ମହୁଲି ମଦ, ୫୧ ଲିଟର ୭୫୦ ମି.ଲି ନକଲି ବିଦେଶୀ ମଦ ଓ ୧୫୦ଟି ମଦ ବୋତଲ ଠିପିକୁ ଜବତ କରାଯାଇଛି।

## ସଂକ୍ଷେପରେ

### ଭାରସାମ୍ୟ ହରାଇ ଓଲଟିଲା କାର



**ରାଉରକେଲା ଅଫିସ,୧୭।୧୦:** ସେକ୍ଟର-୧୯ ସ୍ଥିତ ରାଉରକେଲା ହାଉସ୍ ନିକଟ ଭିଆଇପି ରୋଡ୍‌ରେ ରବିବାର ଏକ କାର୍ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଛି। ଏହି ଦୁର୍ଘଟଣାରେ କାର୍ (ନଂ.ଜେଏଚ୍‌୦୨ଏନ୍/୭୪୫୮) ଭାଙ୍ଗି ଚୂରମାର ହୋଇଥିବାବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗାଡ଼ିଟି କୋଏଲନଗର ଅଞ୍ଚଳରୁ ଆଇଜିଏଚ୍ ଅଭିମୁଖେ କୌଣସି କାମରେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଖବର ପାଇ ସେକ୍ଟର-୧୯ ଥାନା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଗାଡିକୁ ଜବତ କରିଛି। କାର୍ ଚାଳକ ଫେରାର ଅଛନ୍ତି।

### ମୋତିଆବିନ୍ଦୁ ପରୀକ୍ଷା ଶିବିର ଉଦ୍‌ଘାଟିତ

**ରାଉରକେଲା ଅଫିସ,୧୭।୧୦:** ରାଉରକେଲା ଅମର ଭବନ ପରିସରରେ ରବିବାର ଲାୟନ୍ସ କ୍ଲବ ଅଫ୍ ରାଉରକେଲା ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ନିଃଶୁଳ୍କ ମୋତିଆବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରକୁ ରାଜସ୍ଥାନ ସେବା ସଦନର ଚେୟାରମ୍ୟାନ ମାଙ୍ଗୋଲାଲ ଭୋତ୍ରା ଉଦ୍‌ଘାଟନ କରିଥିଲେ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ଲାୟନ୍ସ କ୍ଲବ ରାଉରକେଲା ବେଦବ୍ୟାସ ଅଧ୍ୟକ୍ଷ ବବଲ ଗୋଏଲ, ରାଜସ୍ଥାନ ପରିଷଦର ଅଧ୍ୟକ୍ଷ ଶୈଳେନ୍ଦ୍ର ମାରୋଟିଆ, ପବନ ଗଡିଆ, ଯୁଗଳ ମାରୋଟିଆ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ୧୫ଦିନ ଧରି ହେବାକୁ ଥିବା ଉକ୍ତ ଶିବିରରେ ମୋତିଆବିନ୍ଦୁ ରୋଗୀ ଚିହ୍ନଟ ସହ ସେମାନଙ୍କର ମାଗଣା ଅସ୍ତ୍ରୋପଚାର କରାଯିବ ଏବଂ ପରେ ସେମାନଙ୍କୁ ଚଷମା ପ୍ରଦାନ କରାଯିବ। ଏଥିରେ ଲାୟନ୍ସ କ୍ଲବର ସମସ୍ତ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ରହିବେ। ଉଦ୍‌ଘାଟନୀ ଦିବସରେ ୫୦ରୁ ଊର୍ଦ୍ଧ୍ୱ ରୋଗୀ ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ। କୋଷାଧ୍ୟକ୍ଷ ନଟୱର ବାଗେଡିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ଉନ୍ନତ ଶିକ୍ଷା ସମାଜରେ ପରିବର୍ତ୍ତନ ଆଣିଥାଏ

**ରାଉରକେଲା ଅଫିସ,୧୭।୧୦:** ସୁନ୍ଦରଗଡ଼ ଜିଲା ଶିକ୍ଷା ବଞ୍ଚାଓ କମିଟି ପକ୍ଷରୁ ଜାତୀୟ ଶିକ୍ଷାନୀତି ସମ୍ପର୍କରେ ଏକ ଆଲୋଚନା ସଭା ହୃଷୀକେଶ ରାୟ ମହାବିଦ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। କମିଟିର ଉପସଭାପତି ଗଗନ ବିହାରୀ ଧଳ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ବାଙ୍କେଶ୍ୱର ମହାନ୍ତି ଆଲୋଚନାର ଉଦ୍ଦେଶ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ଶିକ୍ଷା ବଞ୍ଚାଓ ଓଡିଶା ରାଜ୍ୟ କମିଟି ଅଧ୍ୟକ୍ଷ ବିରେନ୍ଦ୍ର କୁମାର ନାୟକ ମୁଖ୍ୟ ଆଲୋଚକ ଭାବେ ଉପସ୍ଥିତ ଥିଲେ। ଉନ୍ନତମାନର ଶିକ୍ଷା ପ୍ରଦାନ କରାଗଲେ ସମାଜରେ ପରିବର୍ତ୍ତନ ଆସିଥାଏ ବୋଲି ନାୟକ ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛବି ମହାନ୍ତି, ଡାକ୍ତର ରତ୍ନାକର ପଣ୍ଡା, ପ୍ରଫେସର ବିଦ୍ୟାଧର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଜନବିରୋଧୀ ଓ ଶିକ୍ଷା ସଭ୍ୟତା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି ୨୦୨୦କୁ ବିରୋଧ କରିଥିଲେ। ଅଶୋକ କୁମାର ଶୁକ୍ଳା ମଞ୍ଚ ପରିଚାଳନା ଏବଂ ଧେବେଇ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ମଙ୍ଗଲୁ ଚରଣ ବିଶ୍ୱାଳ ପୁସ୍ତକ ଉନ୍ମୋଚିତ

**ସମ୍ବଲପୁର,୧୭।୧୦(ବ୍ୟୁରୋ):** ସାରସ୍ୱତ ସାଧକ ମଙ୍ଗଲୁଚରଣ ବିଶ୍ୱାଳ ପୁସ୍ତକ ସମ୍ବଲପୁର ଜିଲା ପରମାଣପୁର ନିକଟସ୍ଥ ବାରଡୁଙ୍ଗୁରିଠାରେ ଶନିବାର ଉନ୍ମୋଚିତ ହୋଇଯାଇଛି । ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଶିବପ୍ରସାଦ ତ୍ରିପାଠୀଙ୍କ ରଚିତ ଏହି ପୁସ୍ତକକୁ ଡ.ମଙ୍ଗଲୁଚରଣ ବିଶ୍ୱାଳ ନିଜେ ଉନ୍ମୋଚନ କରିଥିଲେ । ସୂଚନାଯୋଗ୍ୟ ଯେ, ୮୬ ବର୍ଷୀୟ ମଙ୍ଗଲୁ ଓଡିଆ ଓ ସମ୍ବଲପୁରୀ ଭାଷାରେ ୫୬ଟି ପୁସ୍ତକ ରଚନା କରିଛନ୍ତି । ସେହିପରି ୩ ଶହରୁ ଊର୍ଦ୍ଧ୍ୱ ପୁସ୍ତକରେ ମୁଖବନ୍ଧ ଲେଖିଛନ୍ତି। ଏଥିସହ ବିଭିନ୍ନ ପତ୍ରପତ୍ରିକା ସମ୍ପାଦନା କରି ସାରସ୍ୱତ ସାଧକ ଭାବେ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି । ଭୁଖା ଚଳଚ୍ଚିତ୍ର ସକାଶେ ତାଙ୍କୁ ଜାତୀୟ ପୁରସ୍କାର ମିଳିଛି । ସେହିପରି ତାଙ୍କୁ ୧୨୫ଟି ସଂଗଠନ ସମ୍ମାନିତ କରିଛି ।

# ଗଠିତ ହେବ ନୂତନ ରାଜନୈତିକ ଦଳ: ସମ୍ମିଳିତ ଆଦିବାସୀ ସମାଜ

**ଝାରସୁଗୁଡା ଅଫିସ୍,୧୭।୧୦**

ଅଖିଳ ଭାରତୀୟ ଗୋଁଣ୍ଡଓନା ଗୋଁଣ୍ଡ ମହାସଭା ଓଡିଶା ପ୍ରଦେଶ ସଭାପତି ମହେନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଝାରସୁଗୁଡା କାପୁମାଲସ୍ଥିତ ଗୋଁଣ୍ଡ ଭବନରେ ରବିବାର ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆଦିବାସୀମାନଙ୍କ ହକ୍ ଅଧିକାର ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ସ୍ମାରକପତ୍ରଗୁଡିକ ମଧ୍ୟରୁ କୌଣସି ଦାବି ପୂରଣ ହୋଇ ନ ଥିବାରୁ ସଭାରେ କ୍ଷୋଭ ପ୍ରକାଶ ପାଇଥିଲା। ଏଥିମଧ୍ୟରେ ଆଦିବାସୀଙ୍କ ପ୍ରମୁଖ ଦାବି ସମୂହ ହେଲା ରାଜ୍ୟ ଆଦିବାସୀ କମିଶନ ଗଠନ,ପେସା ଆଇନ୍ ପ୍ରଣୟନ, ଲଇକେରା, କିର୍ମିରା ଓ ଯୁଯୋମୁରା ଆଦି ବ୍ଲକ୍‌କୁ ସିଡ୍ୟୁଲ୍ ବ୍ଲକ୍ ମାନ୍ୟତା, କୋଲାବିରା ଜମିଦାର କରୁଣାକର ସିଂହ ନାୟକଙ୍କ ଭାଇ ଖଗ ନାୟକ ଓ ପୁତୁରା କହ୍ନେଇ ନାୟକଙ୍କୁ ଶହୀଦ ମାନ୍ୟତା, ଗଡର ସୁରକ୍ଷା, ୫୦ଲକ୍ଷ ଟଙ୍କା ଅନୁଦାନ ଆଦି ରହିଥିବାବେଳେ ଏହା ଅଦ୍ୟାବଧି ପୂରଣ ହୋଇପାରିନାହିଁ। ଏଥିମଧ୍ୟରେ ରାଜ୍ୟରେ ସରକାର ଗଠନ ହେବାର ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ରାଜ୍ୟରେ ଆଦିବାସୀ ଉପଦେଷ୍ଟା କମିଟି ଗଠିତ ହୋଇପାରିନାହିଁ। ସମ୍ବିଧାନ ଅନୁଯାଇ ରାଜ୍ୟମନ୍ତ୍ରୀ ମଣ୍ଡଳରେ ଏସ୍‌ଟିଏସ୍‌ସି ବିଭାଗ କ୍ୟାବିନେଟ୍ ମନ୍ତ୍ରୀ ଆଦିବାସୀ ସମାଜର ଜଣେ ସଦସ୍ୟ ରହିବା ନିୟମ ରହିଥିବାବେଳେ ଏହା କରାଯାଇନାହିଁ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ଆଦିବାସୀଙ୍କୁ ନେଇ ଏକ ଆଞ୍ଚଳିକ ରାଜନୈତିକ ଦଳ ଗଠନ କରାଯିବା ପାଇଁ ପ୍ରୟାସ କରାଯିବ ବୋଲି ସଭାରେ ଆଲୋଚନା ହୋଇଛି। ଏହି ଦଳ ଆଗାମୀ ଦିନରେ ଆଦିବାସୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ବିଧାନସଭାରେ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରିବ। ଫଳରେ ଆଦିବାସୀମାନେ ସେମାନଙ୍କ ସାମ୍ବିଧାନିକ ହକ୍ ପାଇପାରିବେ ବୋଲି ସଭାରେ ମତପ୍ରକାଶ ପାଇଛି । ଏହି ସଭାରେ ଝାରସୁଗୁଡା,ବଲାଙ୍ଗିର, ନୂଆପଡା, ବରଗଡ, ଖୋର୍ଦ୍ଧା, କନ୍ଧମାଳ, ସୋନପୁର, ଢେଙ୍କାନାଳ, ସମ୍ବଲପୁର, ଦେବଗଡ, ନୟାଗଡ, କଟକ, ଅନୁଗୋଳ, କେନ୍ଦୁଝର ଆଦି ଜିଲାର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଏଥିମଧ୍ୟରେ ମହାସଚିବ ପ୍ୟାରୀମୋହନ ନାୟକ, ମହେନ୍ଦ୍ର ନାୟକ, ଚୂଡାମଣି ଧୁରୁଆ, ଶ୍ୟାମସୁନ୍ଦର ଭୋଇ, ପ୍ରସନ୍ନ ମାଝି, ଭାଗିରଥୀ ସିଂହ, ପ୍ରେମାନନ୍ଦ ମାଝି, ଡମ୍ବରୁଧର ନାୟକ, ବିଷ୍ଣୁଚରଣ ପ୍ରଧାନ,ବିରାଜ ଭୋଇ, କୁଳମଣି ସିଂହ, ସନ୍ତୋଷ ଭୋଇ, ଦିବାକର ପାତ୍ର, ଶିବ ପ୍ରସାଦ ଗଡନାୟକ, ସଦାଶିବ ନାୟକ, ଉଗ୍ରେସନ ନାୟକ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ସଭାରେ ଉପସ୍ଥିତ ଥିବା ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ସମାଜର କର୍ମକର୍ତ୍ତାମାନେ।

## ଆମର ସାହିତ୍ୟ ୱେବ୍‌ସାଇଟ ଉନ୍ମୋଚିତ

**ସମ୍ବଲପୁର,୧୭।୧୦(ବ୍ୟୁରୋ)**

ସଂପ୍ରତି ଯୁବପିଢି ସହ ଅନ୍ୟ ବ୍ୟକ୍ତିମାନେ କିପରି ସମ୍ବଲପୁରୀ ଭାଷା ବିଷୟରେ ଜାଣିପାରିବେ, ସେନେଇ ବୈଷୟିକ ମାଧ୍ୟମର ଆବଶ୍ୟକତା ରହିଛି। ଏହାଦ୍ୱାରା କବି, ଲେଖକ, ପାଠକ ଓ ପୃଷ୍ଠପୋଷକମାନଙ୍କ ସକାଶେ ସମସ୍ତ ବିଷୟ ଉପଲବ୍ଧ ରହିବ। ଏଥିସହ ସମ୍ବଲପୁରୀ ଭାଷା ପ୍ରଚାର ପ୍ରସାର ହୋଇପାରିବ। ଏହାକୁ ଦୃଷ୍ଟିରେ ରଖି ଦୁବାଇରେ ରହୁଥିବା ପ୍ରଶାନ୍ତ ମେହେର ଆମର ସାହିତ୍ୟ ୱେବସାଇଟ ପ୍ରସ୍ତୁତ କରିଛନ୍ତି। ଏହି ୱେବସାଇଟ ଭର୍ଚୁଆଲ ଜରିଆରେ ରବିବାର ଉନ୍ମୋଚିତ ହୋଇଯାଇଛି। ପଦ୍ମଶ୍ରୀ ହଲଧର ନାଗ,ବରଗଡ ଏମପି ସୁରେଶ ପୂଜାରୀ, ରାଜ୍ୟସଭା ଏମପି ପ୍ରସନ୍ନ କୁମାର ଆଚାର୍ଯ୍ୟ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ପ୍ରଶାସନିକ ଅଧିକାରୀ ଡ. ଅରବିନ୍ଦ ପାଢୀ, ଗୀତିକାର ଦୁର୍ଗା ପଣ୍ଡା, ନାଟ୍ୟକାର କେଶରଞ୍ଜନ ପ୍ରଧାନ, ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ସପନ ମିଶ୍ର, ଅଶୋକ ପୂଜାରୀ, ସୁଶାନ୍ତ ମିଶ୍ର ଓ ସଂଗୀତା ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ କଣ୍ଠଶିଳ୍ପୀ ଅଜିତ ପାଣିଗ୍ରାହୀ ସମଲେଇ ବନ୍ଦନା ଗାନ କରିଥିଲେ। ଆରତୀ ସାହୁ ସଂଯୋଜନା କରିଥିବା ବେଳେ ଉମାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନବଜ୍ୟୋତି ସାହିତ୍ୟ ସଂସଦର ସମ୍ବର୍ଦ୍ଧନା ସଭା




ସମ୍ବର୍ଦ୍ଧନାରେ ମଞ୍ଚାସୀନ ଅତିଥିବୃନ୍ଦ।

**ରାଉରକେଲା ଅଫିସ,୧୭।୧୦**

ରାଉରକେଲା ମହାନଗର ନିଗମ ଅଧୀନ ସେକ୍ଟର-୨୦ ସ୍ଥିତ କଳିଙ୍ଗ କଳା ପରିଷଦ କକ୍ଷରେ ନବଜ୍ୟୋତି ସାହିତ୍ୟ ସଂସଦ ପକ୍ଷରୁ ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଛି। କବି କୁଞ୍ଜ ବିହାରୀ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ପ୍ରାକ୍ତନ ମହାପ୍ରବନ୍ଧକ ନାରାୟଣ ପତି ମୁଖ୍ୟଅତିଥି, ଗୀତିକବି ସମାଜ ସଭାପତି ତାରିଣୀ ଚରଣ ସାହୁ, ଶକ୍ତି ପ୍ରସାଦ ସାମନ୍ତରାୟ, ନୃସିଂହ ଚରଣ ବିଶ୍ୱାଳ, ଜ୍ଞାନ ରଞ୍ଜନ ମିଶ୍ର, ରଘୁବର ଧଳ, ବବୁଲା ନାୟକ, ବାବାମଣି ପରିଡ଼ା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ସଭାରେ କବି ଅଭିରାମ ପ୍ରଧାନଙ୍କ କବିତା ପୁସ୍ତକ 'ନବଜ୍ୟୋତି' ଓ ସରଳା ପତିଙ୍କ ପୁସ୍ତକ 'ପ୍ରେରଣା ପ୍ରେରକ' ଉନ୍ମୋଚିତ ହୋଇଥିଲା। ପରେ ସାହିତ୍ୟ, ସାମ୍ବାଦିକତା, ନାଟ୍ୟକ୍ଷେତ୍ର ଓ ସମାଜସେବା ପାଇଁ ଇଂ ଜଳଧର ପ୍ରଧାନ, କୁଞ୍ଜ ବିହାରୀ ରାଉତ, ପ୍ରଦୀକ କୁମାର ପଣ୍ଡା, ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶାନ୍ତିଲତା ପ୍ରଧାନ, ଅନିତା ପଲେଇ, ସୁମନ ଦତ୍ତ, ଅଶୋକ ଜେନା, ଶୁଶାନ୍ତ କୁମାର ପଲେଇ ପ୍ରମୁଖ ସହଯୋଗ କରିଥିଲେ।

## ଦିନ ମଜୁରିଆଙ୍କୁ ନିୟମିତ କରିବାକୁ ଦାବି

**ସମ୍ବଲପୁର ୧୭।୧୦(ବ୍ୟୁରୋ)**

ଓଡିଶାରେ ଦିନ ମଜୁରିଆଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଏଥିରେ ଏସସି/ଏସଟିମାନଙ୍କ ସଂଖ୍ୟା ଅଧିକ ରହିଛି। ସେମାନେ ଉପଯୁକ୍ତ ପ୍ରାପ୍ୟ ପାଇପାରୁ ନାହାନ୍ତି। ଅପରପକ୍ଷେ ଠିକାଦାରଙ୍କ ଆକ୍ରୋଶର ଶିକାର ମଧ୍ୟ ହେଉଛନ୍ତି। ଅନେକ ସମୟରେ ଠିକାଦାରମାନେ ସେମାନଙ୍କୁ କାର୍ଯ୍ୟରୁ ଛଟେଇ କରୁଥିବା ନଜିର ରହିଛି। ତେଣୁ ଦୀର୍ଘ ଦିନ ହେବ ସରକାରୀ ସଂସ୍ଥାରେ ଠିକାଦାର ଏଜେନ୍ସି ମାଧ୍ୟମରେ କାର୍ଯ୍ୟ କରୁଥିବା ଦିନ ମଜୁରିଆମାନଙ୍କୁ ନିୟମିତ କରାଯାଉ ବୋଲି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏସସି/ଏସଟି କର୍ମଚାରୀ ସଂଘ ଦାବି କରିଛି । ରବିବାର ସମ୍ବଲପୁର ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କର୍ମଚାରୀ ସଂଘ ସଭାପତି ନିହାଲ ସିଂ କହିଥିଲେ ଯେ,ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା ଭୀମସାର, ବୁର୍ଲା ଭିସୁଟ ସମେତ ରାଜ୍ୟର ଅନେକ ସରକାରୀ ସଂସ୍ଥାରେ ପ୍ରାଇଭେଟ ଏଜେନ୍ସିଗୁଡିକୁ ଠିକା ଦିଆଯାଉଛି। ସେହି ଏଜେନ୍ସିଗୁଡିକ ଦିନ ମଜୁରିଆମାନଙ୍କୁ ଶୋଷଣ କରୁଛନ୍ତି। ତେଣୁ ଦିନ ମଜୁରିଆମାନଙ୍କୁ ନିୟମିତ କରାଯାଉ। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅନୁସୂଚିତ ଜାତି/ଜନଜାତି କ୍ରିୟାନୁଷ୍ଠାନ କମିଟି ସଭାପତି ସନ୍ଦେଶ ବାଗ ଓ ଓଡିଶା ମେଡିକାଲ କର୍ମଚାରୀ ସଂଘ ବୁର୍ଲା ଶାଖା ଉପଦେଷ୍ଟା ବୈଶାଖୁ କଲେତ ଉପସ୍ଥିତ ଥିଲେ।

## ସରସ୍ୱତୀ ରାଉତଙ୍କ ବିୟୋଗରେ ଶୋକ

**ସମ୍ବଲପୁର,୧୭।୧୦(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ୱାର୍ଡ ନମ୍ବର-୨ ଗୋଶାଳା ଛକ ନିକଟସ୍ଥ ଖଗ୍‌ସିପାଲି ନିବାସୀ ସରସ୍ୱତୀ ରାଉତ (୯୩)ଙ୍କ ଶନିବାର ପରଲୋକ ହୋଇଯାଇଛି। ସେ ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ ରଖିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ସମ୍ବଲପୁର କମଳି ବଜାର ରାଜଘାଟଠାରେ ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା। ବଡ଼ପୁଅ ତଥା ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ନିର୍ଦ୍ଦେଶକ କୁମାର ଚାନ୍ଦ ରାଉତ ମୁଖାଗ୍ନି ଦେଇଥିଲେ।

## ଅପରାଧୀ ପୁଅଙ୍କ ପୁଣି ଛୁରାମାଡ଼, ଜଣେ ଆହତ

**ଝାରସୁଗୁଡା ଅଫିସ୍, ୧୭।୧୦**

ଝାରସୁଗୁଡା ଜିଲା ବ୍ରଜରାଜନଗରର ଦୁର୍ଦ୍ଧାନ୍ତ ଅପରାଧି ସୋନୁ ଘୋଷଙ୍କ ନାବାଳକଙ୍କ ପୁଅ ରବିବାର ପୁଣି ଜଣେ ଯୁବକଙ୍କୁ ଛୁରାମାଡ କରିଛନ୍ତି। ଫଳରେ ଯୁବକ ଜଣଙ୍କ ଆହତ ହୋଇ ପ୍ରଥମେ ମଣ୍ଡଲିଆ ସ୍ଥିତ ଏମ୍‌ସିଏଲ୍ ହସ୍‌ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଛନ୍ତି। ଆହତ ଯୁବକ ଜଣଙ୍କ ହେଲେ ଲମଟିବାହାଲର ଶଙ୍କର ସାହୁ(୩୪)ବୋଲି ଜଣାପଡିଛି। ଛୁରାମାଡରେ ତାଙ୍କ ବାମ ହାତ ବାହୁରେ କ୍ଷତବିକ୍ଷତ ହୋଇଛି । ଏନେଇ ଆହତ ଶଙ୍କରଙ୍କ ସାଥୀ ମନୋଜ ରାୟଙ୍କ ଅଭିଯୋଗକୁ ଭିତିକରି ପୋଲିସ୍ ବ୍ରଜରାଜନଗର ଥାନାରେ ଏକ ମାମଲା (ନଂ. ୩୦୦।୨୧) ରୁଜୁ କରିଛି। ଛୁରାମାଡ କରିଫେରାର ଥିବା ନାବାଳକଙ୍କୁ ପୋଲିସ୍ ଧରିବା ପାଇଁ ତନାଘନା ଚଳାଇଛି। ଶଙ୍କର ଓ ମନୋଜ ଉଭୟ ବ୍ରଜରାଜନଗର ବଜାରରୁ ରାଶନ ସାମଗ୍ରୀ କିଣି ଏକ ବାଇକ୍‌ରେ ଷ୍ଟେଶନ ଛକ ଗଳିରେ ଘରକୁ ଫେରୁଥିଲେ। ଏହି ସମୟରେ ନାବାଳକ ଜଣଙ୍କ ତାଙ୍କୁ ଅଟକାଇ ଛୁରାମାଡ କରିଥିଲେ। ସୂଚନା ଥାଉକି ଗତ ଅଗଷ୍ଟ ୪ତାରିଖରେ ଜଣେ ସାଙ୍ଗଙ୍କ ସହିତ ମିଶି ନାବାଳକ ଜଣଙ୍କ ଜଣେ ଯୁବକଙ୍କୁ ଛୁରାମାଡ କରିଥିଲେ। ଏନେଇ ପୋଲିସ୍ ବ୍ରଜରାଜନଗର ଥାନାରେ ଏକ ମାମଲା (ନଂ. ୨୦୯/୨୧) ରୁଜୁ କରିଛି। ପୁଣି ୩ମାସ ପରେ ନାବାଳକ ଜଣଙ୍କ ଆଉ ଏକ ଘଟଣା ଘଟାଇଛି ।

## ଅଇଁଠାପାଲି ଭିଏସ୍‌ଏସ୍ ବିଜୟୀ




ସମ୍ବଲୁପର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅତିଥିମାନେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ।

**ସମ୍ବଲପୁର,୧୭।୧୦(ବ୍ୟୁରୋ)**

**ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ**

ଜିଲା କ୍ରୀଡା ସଂଘ ପକ୍ଷରୁ ଆୟୋଜିତ ଡା. ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ରବିବାର ମ୍ୟାଚରେ ଅଇଁଠାପାଲି ଭିଏସଏସ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଭିଏସଏସ ଓ ଆମାଜିଙ୍ଗ ଏକାଦଶ ମଧ୍ୟରେ ମ୍ୟାଚଟି ସଂଘର୍ଷପୂର୍ଣ୍ଣ ହୋଇଥିଲା । ଶେଷରେ ଭିଏସଏସ ୧-୦ ଗୋଲରେ ବିଜୟୀ ହୋଇଥିଲା ମ୍ୟାଚକୁ ରେଫରି କାର୍ତ୍ତିକ ଓରାମ, ମନୋଜ ଭୋଇ, ଯୋଗେନ୍ଦ୍ର ଓରାମ, କର୍ଣ୍ଣ ବେହେରା ପରିଚାଳନା କରିଥିଲେ । ଫୁଟବଲ ସଂପାଦକ ଅବଦୁଲ ଗଫାରଙ୍କ ପରିଚାଳନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା । ଧନୁପାଲି ଥାନା ଅଧିକାରୀ ଅନିତା ପ୍ରଧାନ ମୁଖ୍ୟଅତିଥି, ସବ୍ ଇନ୍ସପେକ୍ଟର ସୁଶାନ୍ତ କୁମାର ପ୍ରଧାନ, କ୍ରୀଡାବିତ୍ ଉପେନ୍ଦ୍ର ଶତପଥୀ , ଜିଲା କ୍ରୀଡା ସଂଘ ସାଧାରଣ ସଂପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, ସୟଦ ଜିନ୍ଦା, ବିଭୂତି ମିଶ୍ର, ସୟଦ କାସିମ, ପ୍ରବୀଣ କୁମାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

## ଖେଳାଳିଙ୍କୁ ହକି ଷ୍ଟିକ, ଖେଳ ପୋଷାକ ବିତରଣ

**ଦେବଗଡ଼,୧୭।୧୦(ଡି.ଏନ.ଏ.)**

ଦେବଗଡ଼ ଜିଲା ବିଜୁ ଜନତା ଦଳ ପକ୍ଷରୁ ରବିବାର ତିଲେଇବଣି ବ୍ଲକ ଅନ୍ତର୍ଗତ ଲଇମୁରା, ପାରପୋଶି, ଝରାଗୋଗୁଆ, ଡିମ୍ବିରିକୁଦା ଓ ଝାରମୁଣ୍ଡା ଗ୍ରାମ ପଞ୍ଚାୟତର ହକି ଖେଳାଳିମାନଙ୍କୁ ଖେଳ ପୋଷାକ ଏବଂ ହକିଷ୍ଟିକ ବିତରଣ କରାଯାଇଛି। ତିଲେଇବଣୀ ବ୍ଲକ ବିଜେଡି ସଭାପତି ବାବୁଲାଲ ପୃଷେଠଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ବିଜେଡି ସଭାପତି ରୋମାଞ୍ଚରଞ୍ଜନ ବିଶ୍ୱାଳ ଯୋଗଦେଇ ଦଳ ପକ୍ଷରୁ ଉପରୋକ୍ତ ୫ଟି ଗ୍ରାମ ପଞ୍ଚାୟତର ୧୩ଟି ହକି ଦଳକୁ ଖେଳ ପୋଷାକ ଏବଂ ହକିଷ୍ଟିକ ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୁବ ବିଜେଡି ସଭାପତି ପ୍ରତାପ ଦେବ, ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜ, ଓ ଅଖିଳ ପଟ୍ଟନାୟକଙ୍କ ସମେତ ବିଜେଡି ଦଳର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମାସାଧିକ କାଳ ଅନ୍ଧକାରରେ କୁରୁଙ୍ଗା ନୂଆପଡ଼ାବାସୀ

**କୁତ୍ରା,୧୭।୧୦(ଡି.ଏନ.ଏ)**

ଟ୍ରାନ୍ସଫର୍ମର ଅଛି। ଘରେ ଘରେ ବିଦ୍ୟୁତ୍ କନେକ୍‌ସନ ଅଛି। ହେଲେ ଅନ୍ଧାରରେ ବାଧ୍ୟବାଧକତାରେ ଅଛନ୍ତି କଣ୍ଡେଇମୁଣ୍ଡା ଗ୍ରାମପଞ୍ଚାୟତର କୁରୁଙ୍ଗା ରାଜସ୍ୱ ଗ୍ରାମର ନୂଆପଡା ବାସୀ। ପ୍ରାୟ ୨୫ ପରିବାର ବିଗତ ମାସାଧିକ କାଳ ଅନ୍ଧାରରେ ରହିବାକୁ ବାଧ୍ୟ ହେଉଛନ୍ତି। ଗ୍ରାମରେ ଥିବା ଟ୍ରାନ୍ସଫର୍ମର ଅଚଳ ହୋଇଥିବା ଯୋଗୁ ଏହି ପରିସ୍ଥିତି ସୃଷ୍ଟି ହୋଇଥିବା ବିଷୟ ଗ୍ରାମବାସୀଙ୍କ ପକ୍ଷରୁ ଦୋମନିକ କୁଜୁର, ଆଲୋସିସ କୁଜୁର, ସୁଧୀର କୁଜୁର, ସୁଶାନ୍ତ କୁଜୁର, ଦିଲୀପ କୁଜୁର, ପୁଷ୍ପା କୁଜୁର, ନୂଆସ ଏକ୍କା, ଆନ୍ଦ୍ରିଆସ ଏକ୍କା, ବେଲେମ କୁଜର ପ୍ରମୁଖ ଉପଭୋକ୍ତା ବିଦ୍ୟୁତ୍ ବିଭାଗରେ ବାରମ୍ବାର ଅଭିଯୋଗ କରି ନିରାଶ ହେବା ପରେ ଗଣମାଧ୍ୟମ ନିକଟରେ ଅଭିଯୋଗ ଆଣିଛନ୍ତି। ପ୍ରଶାସନ ଓ ବିଭାଗ ଏଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେମାନେ ଆଶାବ୍ୟକ୍ତ କରିଛନ୍ତି। ତେବେ ଏନେଇ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ଯଥାଶୀଘ୍ର ନୂଆ ଟ୍ରାନ୍ସଫର୍ମର ଲାଗିଯିବ ବୋଲି ଉତ୍ତର ଦେଇଥିଲେ। ସବୁ ଗାଁକୁ ବିଜୁଳି ସଂଯୋଗୀକରଣ ପାଇଁ ପ୍ରୟାସ ରତ ସରକାରଙ୍କ ଉଦ୍ୟମ ଚାଲିଥିବା ବେଳେ ବ୍ୟବସ୍ଥା ଥାଇ ଅନ୍ଧାରରେ ରହିବା କେତେଦୂର ଯୁକ୍ତିଯୁକ୍ତ ସେନେଇ ସରକାରୀ କଳ କେତେ ତତ୍ପରତା ଦେଖାଉଛି ବୋଲି ପ୍ରଶ୍ନ ଉଠୁଛି।

## ଉପନ୍ୟାସ 'ଅନାହତ ହୃଦୟ' ଉନ୍ମୋଚିତ

**ସମ୍ବଲପୁର,୧୭।୧୦(ବ୍ୟୁରୋ)**

ଉପନ୍ୟାସ 'ଅନାହତ ହୃଦୟ' ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ରବିବାର ଉନ୍ମୋଚିତ ହୋଇଯାଇଛି। ଐତିହାସିକ ଦୀପକ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ଝାରସୁଗୁଡା ଜିଲା ଆରକ୍ଷୀ ଅଧୀକ୍ଷକ ବିକାଶ ଚନ୍ଦ୍ର ଦାଶ ଯୋଗଦେଇ ଉପନ୍ୟାନକୁ ଉନ୍ମୋଚନ କରିଥିଲେ। ସେହିପରି ଡ. ଦ୍ୱାରିକାନାଥ ନାୟକ ମୁଖ୍ୟଅତିଥି, ଡ.ଶ୍ୟାମସୁନ୍ଦର ଧର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପନ୍ୟାସର ଧର୍ମ ଓ ତାର ବିଶେଷତ୍ୱ ବିଷୟରେ ଆଲୋକପାତ କରିଥିଲେ। ଡ.ଶିବପ୍ରିୟା ମିଶ୍ର ସମୀକ୍ଷକ ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ମୋହନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ଉପନ୍ୟାସ ଲେଖିକା କାଞ୍ଚନ ପଣ୍ଡା ବିଷୟବସ୍ତୁ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଇନ୍ସପାୟର ପକ୍ଷରୁ କାର୍ଯ୍ୟକ୍ରମ ହୋଇଥିଲା।




ଅତିଥିମାନେ ଉପନ୍ୟାସ ଅନାହତ ହୃଦୟ ଉନ୍ମୋଚିତ କରୁଛନ୍ତି।

## ମହାବୀର ଲୁବ୍ରିକାଣ୍ଟ୍‌ସରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

**ଧମା,୧୭।୧୦(ଡି.ଏନ.ଏ.)**

ସମ୍ବଲପୁର ଜିଲା ଧମା ମୁଖ୍ୟରାସ୍ତା କଡ଼ରେ ଥିବା ମହାବୀର ଲୁବ୍ରିକାଣ୍ଟ୍ସରୁ ଶନିବାର ବିଳମ୍ବିତ ରାତିରେ ଚୋରମାନେ ଲକ୍ଷାଧିକ ଟଙ୍କାର ଅଟୋ ମୋବାଇଲ ସାମଗ୍ରୀ ଚୋରି କରି ନେଇଛନ୍ତି । ରବିବାର ସକାଳେ ମାଲିକ ଦେବାଶିଷ ପଟ୍ଟନାୟକ ଦୋକାନ ଖୋଲିବାକୁ ଆସି ତାଲା ଭଙ୍ଗାଯାଇ ଚୋରି ହୋଇଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଧମା ପୋଲିସ ସନ୍ଧାନୀ କୁକୁର ଜରିଆରେ ତଦନ୍ତ ଆରମ୍ଭ କରିଥିଲେ ହେଁ ଚୋରଙ୍କ ପତ୍ତା ମିଳିନାହିଁ। ତେବେ ଚୋରି ଯାଇଥିବା ଦୋକାନ ସାମ୍ନାର ଅନ୍ୟ ଏକ ଦୋକାନରେ ଲାଗିଥିବା ସିସି ଟିଭି ଫୁଟେଜ ଯାଞ୍ଚ କରିବାରୁ ରାତି ୨ଟା ସମୟରେ ଏକ ଧଳାରଙ୍ଗର ପିକ୍‌ଅପ୍ ଭ୍ୟାନ୍ ପହଞ୍ଚି ଥିବା ଏବଂ ସେଥିରୁ ଜଣେ ଓହ୍ଲାଇ ଦୋକାନରୁ ଚୋରି କରିଥିଲେ। ପରେ ଉକ୍ତ ଗାଡ଼ିରେ ଚୋରି ସାମଗ୍ରୀ ଲଦି ଉଲୁଣ୍ଡା ରାସ୍ତାରେ ଚାଲି ଯାଇଥିଲେ। ଚୋର ପ୍ରାୟ ଅଧଘଣ୍ଟା କାଳ ସେଠାରେ ରହିଥିଲେ ହେଁ କାହାରି ଦୃଷ୍ଟି ପଡି ନ ଥିଲା। ପ୍ରାୟ ୩ରୁ ୪ ଜଣ ଭ୍ୟାନରେ ଆସିଥିବା ଅନୁମାନ କରାଯାଉଛି । ଧମା ଥାନାଠାରୁ ଅଳ୍ପ ଦୂରରେ ଥିବା ଏହି ଦୋକାନରୁ ଚୋରି ହେବା ପୋଲିସକୁ ଖୋଲା ଚ୍ୟାଲେଞ୍ଜ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଦୋକାନ ମାଲିକ ଦେବାଶିଷଙ୍କ କହିବା ଅନୁଯାୟୀ, ୨୦୦ଟି ବାଇକ୍ ଟାୟାର, ୧୫୦ ଲିଟର ମୋବିଲ, ୪୦ କିଲୋ ଗ୍ରିସ୍ ଚୋରି ହୋଇଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି ସେ କହିଛନ୍ତି।



ଧମା ପୋଲିସ ତଦନ୍ତ ଚଳାଇଛି।

**ରାଜଗାଙ୍ଗପୁର ବିକାଶ ପରିଷଦ ନିର୍ବାଚନ**

ରାଜଗାଙ୍ଗପୁର,(ଡି.ଏନ.ଏ.): ରାଜଗାଙ୍ଗପୁର ବିକାଶ ପରିଷଦର ନିର୍ବାଚନ ସ୍ଥାନୀୟ ଧର୍ମଶାଳାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ୫୨୦ ସଦସ୍ୟଙ୍କ ମଧ୍ୟରୁ ୪୩୮ ସଦସ୍ୟ ମତଦାନ କରିଥିଲେ। ତନ୍ମଧ୍ୟରୁ ବିଷ୍ଣୁ ଅଗ୍ରୱାଲ ସର୍ବାଧିକ ୨୫୯ ଖଣ୍ଡ ଭୋଟ ପାଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି ସୁନିଲ ଅଗ୍ରୱାଲଙ୍କ ଠାରୁ ୮୧ ଖଣ୍ଡ ଭୋଟ ବ୍ୟବଧାନରେ ଜୟଯୁକ୍ତ ହୋଇଛନ୍ତି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ନିର୍ବାଚନ କମିଟିରେ ଆଇନଜୀବୀ ବିନୋଦ ଶର୍ମା, ଆଇନଜୀବୀ ଅଶୋକ ଅଗ୍ରୱାଲ, ହରିଶଙ୍କର ଅଗ୍ରୱାଲ, ସୁବାଷ ଅଗ୍ରୱାଲ ରହି ଏହି ନିର୍ବାଚନକୁ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଚୋରି ଘଟଣା: ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଗୃହକର୍ତ୍ତା

**ଦେବଗଡ଼,୧୭।୧୦(ଡି.ଏନ.ଏ):** ଦେବଗଡ ପୌରାଞ୍ଚଳର ରଙ୍ଗିଆଗୁଡା ସାହିର କିଶୋର ନନ୍ଦ ନାମକ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଘରୁ ପ୍ରାୟ ୭ ଦିନ ପୂର୍ବେ ପ୍ରାୟ ୧୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଚୋରି ହୋଇଥିବା ଦେବଗଡ ଥାନାରେ ଅଭିଯୋଗ ହୋଇଥିଲେ ହେଁ ଦେବଗଡ ଥାନା ପୋଲିସ ବର୍ତ୍ତମାନ ପର୍ଯ୍ୟନ୍ତ ଚୋର କିମ୍ବା ଚୋରି ସାମଗ୍ରୀ ନେଇ କୌଣସି ସୁରାକ ପାଇପାରିନାହିଁ। ଫଳରେ ନନ୍ଦ ବାଧହୋଇ ଦେବଗଡ ଏସ୍.ପି. ରାଜକିଶୋର ପାଇକରାୟଙ୍କ ଦ୍ୱାରସ୍ଥ ହେବାସହ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଦାବି କରିଥିବା ଜଣାପଡିଛି। ଖବର ମୁତାବକ ରଙ୍ଗିଆଗୁଡା ସାହିର କିଶୋର ନନ୍ଦ ନାମକ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଗତ ୧୦ ତାରିଖ ତାଙ୍କ ସହଧର୍ମୀଣୀଙ୍କ ସହ ସମ୍ବଲପୁର ଜିଲା ରେଢାଖୋଲ ସ୍ଥିତ ଝିଆରୀ ଘରକୁ ଯାଇଥିଲେ। ତେବେ ସେମାନେ ୧୨ ତାରିଖ ନିଜ ଘରକୁ ଫେରିବା ବେଳେ ତାଙ୍କ ଘରେ ଲାଗିଥିବା ତାଲା ଏବଂ ଆଲମାରୀ ଭଙ୍ଗା ଯାଇଥିବା ଏବଂ ତହିଁରୁ ନଗଦ ଟଙ୍କା ସମେତ ସୁନା ଅଳଙ୍କାର ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ସେହିପରି ଚୋରି ହୋଇଥିବା ମୋଟ ସମ୍ପତ୍ତିର ମୂଲ୍ୟ ପ୍ରାୟ ୧୪ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହୋଇଥିବା ଆକଳନ କରାଯାଇଥିଲା। ଏନେଇ ନନ୍ଦ ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ ହେଁ ଦେବଗଡ ଥାନା ପୋଲିସ ଚୋର କିମ୍ବା ଚୋରି ସାମଗ୍ରୀ ଠାବ କରିବାରେ ସଫଳ ହୋଇନାହିଁ।

### ଜେସିବି ମାଲିକ ସଂଘର ନୂତନ କର୍ମକର୍ତ୍ତା

**ପଦ୍ମପୁର,୧୭।୧୦(ଡି.ଏନ.ଏ):** ବରଗଡ ଜିଲା ଜେସିବି ମାଲିକ ସଂଘର ଏକ ବୈଠକ ରବିବାର ମଙ୍ଗଳମ ପ୍ୟାଲେସରେ ଅନୁଷ୍ଠିତ ହୋଇଛି। ଅନ୍ୟ ରାଜ୍ୟର ଜେସିବିକୁ ବରଗଡ଼ ଜିଲାରେ କାମ କରିବାକୁ ମନା କରିବା, ସମସ୍ତ ଜେସିବି ସମାନ କାମକୁ ସମାନ ଦାମ ଆଦି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଜିଲା ଜେସିବି ମାଲିକ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି କ୍ଷୀରୋଦ୍ର ସାହୁ, ଉପ ସଭାପତି ତୁଳାରାମ ବେହେରା, ସମ୍ପାଦକ ସଞ୍ଜୟ ବିଶି, ସହ ସମ୍ପାଦକ ସୁବାଷ ପ୍ରଧାନ, କୋଷାଧକ୍ଷ ଭାବେ ମନୀଷ ବୋଦିଆ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ।

### କିରେଇ କୃଷି ବିଜ୍ଞାନ କେନ୍ଦ୍ରରେ ବିଶ୍ୱ ଖାଦ୍ୟ ଦିବସ

**ସୁନ୍ଦରଗଡ଼,୧୭।୧୦(ଡି.ଏନ୍.ଏ):** ସୁନ୍ଦରଗଡ଼ କୃଷି ବିଜ୍ଞାନକେନ୍ଦ୍ରଠାରେ ଶନିବାର ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଛି। ବିଶ୍ୱରୁ ସମ୍ପୂର୍ଣ୍ଣ ରୂପେ ଖାଦ୍ୟାଭାବ ଦୂରୀକରଣ ଲକ୍ଷ୍ୟ ନେଇ ପ୍ରତିବର୍ଷ ଏହି ଦିନ ବିଶ୍ୱ ଖାଦ୍ୟ ଦିବସ ପାଳନ କରାଯାଉଛି। ଏହି ଅବସରରେ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରଠାରେ ଆୟୋଜିତ ସଭାରେ ବରିଷ୍ଠ ବୈଜ୍ଞାନିକ ଡେଭିସ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରି ଏହି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ.ଲକ୍ଷ୍ମୀପ୍ରିୟା ପ୍ରଧାନ ଖାଦ୍ୟ ନିରାପତ୍ତା ନିମନ୍ତେ ପୋଷଣଯୁକ୍ତ ଖାଦ୍ୟ ଗ୍ରହଣ, ପୋଷକଯୁକ୍ତ ଖାଦ୍ୟ, ବିଭିନ୍ନ ଫସଲ ଚାଷ, ଖାଦ୍ୟ ଅପଚୟ ଓ ଖାଦ୍ୟ ଅପମିଶ୍ରଣକୁ ଚିହ୍ନଟ କରି ରୋକିବା ବିଷୟରେ ଆଲୋଚନା କରିଥିଲେ। ଆଶାକର୍ମୀ ଓ କୃଷକ ସାଥୀମାନେ ଦେଶୀ ଖାଦ୍ୟ ଓ ଚାଷବାସ ସମ୍ପର୍କରେ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକରୁ ୪୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଚାଷୀ ଭାଗ ନେଇଥିଲେ। ଏହି ଅବସରରେ ଚାଷୀମାନଙ୍କୁ ଅମୃତ ଭଣ୍ଡା ଓ ସଜନା ଚାରା ବଣ୍ଟନ କରାଯାଇଥିଲା। ଅରୁଣ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

### ଅବସରପ୍ରାପ୍ତ ଅବକାରୀ ଉପଅଧୀକ୍ଷକଙ୍କ ପରଲୋକ

**ସୁନ୍ଦରଗଡ଼,୧୭।୧୦(ଡି.ଏନ.ଏ.):** ସ୍ଥାନୀୟ ଆଦର୍ଶ ନଗରର ଅବସରପ୍ରାପ୍ତ ଅବକାରୀ ଉପ ଅଧୀକ୍ଷକ ବଲ୍ଲଭ ଦାସଙ୍କ ରାଉରକେଲାଠାରେ ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କୁ ୭୨ବର୍ଷ ବୟସ ହୋଇଥିଲା। ଚାକିରୀରୁ ଅବସର ପରେ ସେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ସେ ଜଣେ ଅମାୟିକ ମେଳାପୀ ବ୍ୟକ୍ତି ଭାବେ ସବୁରି ମହଲରେ ପରିଚିତ ଥିଲେ। ତାଙ୍କର ବିୟୋଗରେ ପରିବାର ବର୍ଗ ତଥା ବନ୍ଧୁବାନ୍ଧବ ଓ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି।

# ସାହିବାସିନ୍ଦାଙ୍କ ଏମ୍‌ପିଙ୍କୁ ସ୍ମାରକପତ୍ର

**ପ୍ରସ୍ତାବିତ ଏନ୍‌ଏଚ୍ ଅଣ୍ଡରପାସ୍‌ର ସ୍ଥାନ ପରିବର୍ତ୍ତନ ପାଇଁ ଦାବି**

**ଦେବଗଡ଼,୧୭।୧୦(ଡି.ଏନ.ଏ)**

ଦେବଗଡ ସହରର ନିଳବେର୍ଣ୍ଣି ସାହି (୯ନମ୍ବର ୱାର୍ଡ) ଦେଇ ଯାଇଥିବା ରାଞ୍ଚି-ବିଜୟୱାଡା -୪୯ ନମ୍ବର ଜାତୀୟ ରାଜପଥ ବାଇପାସ୍‌ରେ ପ୍ରସ୍ତାବିତ ଅଣ୍ଡରପାସକୁ ସେଠାରେ ନିର୍ମାଣ କରା ନ ଯାଇ ଅନତି ଦୂରରେ ଥିବା ପତ୍ରାପାଲି ସାହି ଛକ ନିକଟରେ ନିର୍ମାଣ କରିବାକୁ ୱାର୍ଡ ବାସିନ୍ଦା ଦାବି କରିଛନ୍ତି। ରବିବାର ଉକ୍ତ ୱାର୍ଡର ବାସିନ୍ଦା ପ୍ରଜିତ କୁମାର ଭୋଜ(ଝୁନୁ), ସଞ୍ଜିବ କୁମାର ନାଏକ, ସୁକାନ୍ତ ସୂର୍ଯ୍ୟା, କୁଳଚନ୍ଦ୍ରମ ହସ୍ତୀ ଓ ଜଗନ୍ନାଥ ରଣଜିତଙ୍କ ସମେତ ବହୁ ସାହିବାସିନ୍ଦା ଦେବଗଡ ରାଜପ୍ରାସାଦରେ ସମ୍ବଲପୁର ଲୋକସଭା ସଦସ୍ୟ(ଏମ୍‌ପି) ନିତେଶ ଗଙ୍ଗଦେବଙ୍କୁ ସାକ୍ଷାତ କରି ଏମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିସହ ଏହି ସ୍ମାରକପତ୍ରର ନକଲ ଏନ୍‌ଏଚ୍‌ଏଆଇ.ର ପ୍ରକଳ୍ପ ନିର୍ଦ୍ଦେଶକ ଓ ଦେବଗଡ ଜିଲାପାଳଙ୍କୁ ମଧ୍ୟ ପ୍ରଦାନ କରିଥିବା ଜଣାପଡିଛି। ନିଳବେର୍ଣ୍ଣି ସାହି (୯ନମ୍ବର ୱାର୍ଡ) ଦେଇ ଯାଇଥିବା ରାଞ୍ଚି-ବିଜୟୱାଡା -୪୯ ନମ୍ବର ଜାତୀୟ ରାଜପଥ ବାଇପାସ୍ ରାସ୍ତାରେ ପ୍ରସ୍ତାବିତ ଅଣ୍ଡରପାସ ନିର୍ମିତ ହେଲେ ଏହା ଦ୍ୱାରା ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଆର୍ଥିକ କ୍ଷତିର ସମ୍ମୁଖିନ ହେବେ ବୋଲି ଦର୍ଶାଯିବା ସହ ଏହି ଅଣ୍ଡରପାସ ନିର୍ମାଣ ପାଇଁ ଅଟକଳ କରାଯାଇଥିବା ପ୍ରାୟ ୧୮ କୋଟି ଟଙ୍କା ପାଣିରେ ପଡିବ ବୋଲି ସାହିବାସିନ୍ଦା ତାଙ୍କର ସ୍ମାରକପତ୍ରରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ପ୍ରସ୍ତାବିତ ଅଣ୍ଡରପାସ ପତ୍ରାପାଲି ସାହି ଛକରେ ନିର୍ମିତ ହେଲେ ସ୍ଥାନୀୟ ଚାଷୀ, ଛାତ୍ର ଛାତ୍ରୀ, କ୍ଷୁଦ୍ର ବ୍ୟବସାୟୀ ଓ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଅସୁଥିବା ରୋଗୀ ଓ ସମ୍ପର୍କୀୟମାନେ ଉପକୃତ ହେବେ ବୋଲି ଉଲ୍ଲେଖ କରାଯାଇଛି। ଏହି ସବୁ ଦୃଷ୍ଟିରୁ ପ୍ରସ୍ତାବିତ ଅଣ୍ଡରପାସ ନିର୍ମାଣ କରା ନ ଯାଇ ସେଠାରେ (ନିଳବେର୍ଣ୍ଣି ସାହି)ଛକରେ ଏକ ଗୋଲେଇ ଟ୍ରାଫିକ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ, ସାହିବାସିନ୍ଦା ପୂର୍ବରୁ ଗତ ୨୦୨୦ ମସିହା ନଭେମ୍ବର ମାସ ୨୦ ତାରିଖରେ ମଧ୍ୟ ଦେବଗଡ ଜିଲାପାଳଙ୍କୁ ଏମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହା ସତ୍ତ୍ୱେ ସାହିବାସିନ୍ଦାମାନଙ୍କର କୌଣସି ମତାମତ ନିଆ ନ ଯାଇ ଏକତରଫା ଭାବେ (ନିଳବେର୍ଣ୍ଣି ସାହି)ଛକରେ ଅଣ୍ଡରପାସ ନିର୍ମାଣ ପାଇଁ ହୋଇଥିବା ନିଷ୍ପତି ଦୁର୍ଭାଗ୍ୟଜନକ ବୋଲି ସାହି ବାସିନ୍ଦାମାନେ ଅଭିଯୋଗ କରିଛନ୍ତି।


ସମ୍ବଲପୁର ଲୋକ ସଭା ସଦସ୍ୟ ନିତେଶ ଗଙ୍ଗଦେବଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

### ଦୟା ଧର୍ମଶାଳାର ନୂତନ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ

**ସୁନ୍ଦରଗଡ଼,୧୭।୧୦(ଡି.ଏନ.ଏ.)**

ବିଧାୟିକା କୁସୁମ ଟେଟେଙ୍କ ଉଦ୍ୟମ କ୍ରମେ ସୁନ୍ଦରଗଡ ସହରର ସର୍ବପୁରାତନ ଦୁର୍ଗା ମଣ୍ଡପ ଦୟା ଧର୍ମଶାଳାର ଉନ୍ନତିକରଣ ସକାଶେ ଏନଟିପିସି ଡୁଲିଙ୍ଗା ଖଣିର ପାରିପାର୍ଶିକ ପାଣ୍ଠିରୁ ୨୫ ଲକ୍ଷ ଟଙ୍କା ମଞ୍ଜୁର କରାଇଛନ୍ତି। ଏହି ପାଣ୍ଠିରେ ନୂତନ ମଣ୍ଡପର ଆଧୁନିକୀକରଣ କରାଯିବ। ବିଜୟା ଦଶମୀ ଦିନ ବିଧାୟିକା କୁସୁମ ଟେଟେ ଏହି ଭିତ୍ତିପ୍ରସ୍ତରର ଶୁଭ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ସମୟରେ ପୂଜା କମିଟିର ସଭାପତି ଭବାନୀ ମାଝୀ, ସମ୍ପାଦକ ବେଣୁମାଧବ ତ୍ରିପାଠୀ, କୋଷାଧକ୍ଷ ସିଦ୍ଧାନ୍ତ ପଣ୍ଡା, ବରିଷ୍ଠ ସଦସ୍ୟ ସପନ ସେନ, ରଞ୍ଜିତ ସ୍ୱାଇଁ, ଦୀପକ ସୁନାନୀ, ମୁକେଶ ପୁରୋହିତ, ଶୋଭନ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ବିଧାୟିକାଙ୍କ ପ୍ରଚେଷ୍ଟାରେ ଏନ୍‌ଟିପିସି ଡୁଲିଙ୍ଗା ଖଣିର ପାରିପାର୍ଶିକ ପାଣ୍ଠିରୁ, ସୁନାରୀପଡା ଭାଗବତ ମନ୍ଦିର, ରାଜବାଟି ସ୍ଥିତ ଜଗନ୍ନାଥ ମନ୍ଦିର, ପୋଷ୍ଟ ଅଫିସ ଦୁର୍ଗା ମଣ୍ଡପର ଉନ୍ନତିକରଣ କାର୍ଯ୍ୟ ଚାଲିଛି।

# ଗୋସୁରକ୍ଷା ନେଇ କର୍ମଶାଳା

**ବୌଦ୍ଧ,୧୭।୧୦(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ମଥୁରା ପଞ୍ଚାୟତର ଦନ୍ତାପାଲିସ୍ଥିତ ମାହେଶ୍ୱରୀ ଗୋଶାଳା ପରିସରରେ ଗ୍ରାମ୍ୟ ବିକାଶ ପରିଷଦ ପକ୍ଷରୁ ଗୋ ସୁରକ୍ଷା ଉପରେ ଏକ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ବାବା ଖଗେଶ୍ୱର ବାନପ୍ରସ୍ଥିଙ୍କ ଦ୍ୱାରା ଗୋପୂଜନ, ଗୋସେବା, ଗୋବନ୍ଦନା ପରେ ଆୟୋଜିତ କର୍ମଶାଳାକୁ ବିଧାୟକ ପ୍ରଦିପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଧାୟକ ଅମାତ ଗୋଶାଳାର ଭିତ୍ତିଭୂମି ନିର୍ମାଣ ଲାଗି ପୂର୍ଣ୍ଣ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେବା ସହ ଗୋମାତାର ସୁରକ୍ଷା ନିମନ୍ତେ କରାଯାଇଥିବା ଉଦ୍ୟମକୁ ପ୍ରଶଂସା କରିଥିଲେ। ନିର୍ଗୁଣ ମହାକୁଡଙ୍କ ଅଧକ୍ଷତାରେ ଆୟୋଜିତ କର୍ମଶାଳାରେ ସମ୍ପାଦକ କୃତ୍ତିବାସ ପଲିଆ, ଗୋଶାଳାର ଉପାଧ୍ୟକ୍ଷ ବୈଦ୍ୟ ହୃଷିକେଶ କ୍ଷେତି, ସହସମ୍ପାଦିକା ସୁଷମା ଲଉରିଆ ପ୍ରମୁଖ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟବକ୍ତା ଭାବରେ ବାବା ମଧୁସୂଦନ ଦାସ ଯୋଗଦେଇ ଗୋମାତାଙ୍କ ଉତ୍ପତ୍ତି, ଗୋ ମାହାତ୍ମ୍ୟ ଓ ଗୋଆଧାରିତ ଜୀବିକା ଉପରେ ବକ୍ତବ୍ୟ ରଖିଥିଲେ। ବୌଦ୍ଧ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଅମିତାଭ ପଣ୍ଡା ଓ ପୁରୁଣାକଟକ ପ୍ରାଣୀ ଚିକିତ୍ସାଧିକାରୀ ଡା.ରୁଥ ଡୁଙ୍ଗ ଡୁଙ୍ଗ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ଗୋଶାଳା ପରିଚାଳନାରେ ସରକାରୀ ସହାୟତା ଉପରେ ସୂଚନା ଦେଇଥିଲେ। କର୍ମଶାଳାର ମୁଖ୍ୟ ପ୍ରଶିକ୍ଷକ ଭାବରେ ସାମାଜିକ କର୍ମୀ କେଦାରନାଥ ସାହୁ ଯୋଗ ଦେଇ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ବେକାର ଯୁବତୀ ଯୁବକ, କୃଷି ମିତ୍ର, ପ୍ରାଣୀମିତ୍ର ଓ ବୈଦ୍ୟମାନେ ଗୋପାଳନକୁ ଜୀବିକା ଭାବରେ ଗ୍ରହଣ କଲେ ନିଜର ଅର୍ଥନୀତି ସୁଦୃଢ ହେବା ସହିତ ଗୋ ସୁରକ୍ଷା ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। କର୍ମଶାଳାରେ ସମ୍ମାନିତ ଅତିଥି ଭାବରେ ବାମଣ୍ଡା ସରପଞ୍ଚ ଲଳିତ ଥାଟି, ଖୁଣ୍ଟବନ୍ଧ ସମିତି ସଭ୍ୟ ଯୁଧିଷ୍ଠିର ବାରିକ, ସାମାଜିକ କର୍ମୀ ହରି ମିଶ୍ର, ସମିତି ସଭ୍ୟା ରୀତାଞ୍ଜଳୀ ମିଶ୍ର, କଳ୍ପୁ କ୍ଷେତି, ଗୋସେବକ କାର୍ତ୍ତିକ ମହାକୁଡ, ଗୋ ଚିକିତ୍ସକ ଅଶୋକ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପପୁନ ଗାଇଗୌରିଆ,ମାହେଶ୍ୱରୀ କ୍ଲବର ଯୁବ ସ୍ୱେଚ୍ଛାସେବୀମାନେ ସକ୍ରିୟ ସହଯୋଗ କରିଥିଲେ। ଶେଷରେ କୋଷାଧକ୍ଷ ଉଦ୍ଧବ କଲତା ଧନ୍ୟବାଦ ଦେଇଥିଲେ।

# ଡାକ ସପ୍ତାହରେ କର୍ମଚାରୀ ପୁରସ୍କୃତ


ଡାକ ସେବକ ଗୌରାଙ୍ଗଙ୍କୁ ପୁରସ୍କୃତ କରାଯାଉଛି।

**ବଡ଼ଗାଁ,୧୭।୧୦(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ଉପଡାକ କାର୍ଯ୍ୟାଳୟ ଅଧିନ କୁସୁମଡେଗୀ ଗାଁର ଗ୍ରାମୀଣ ଡାକସେବକ ଭିକ୍ଷୁ ପ୍ରସାଦ ପୃଷେଟ(ଗୌରାଙ୍ଗ) ଚଳିତ ଆର୍ଥିକ ବର୍ଷରେ ୨୭ଲକ୍ଷ ୪୦ହଜାରର ବ୍ୟବସାୟ ଦେଇପାରି ଥିବାରୁ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ସୁନ୍ଦରଗଡ଼ସ୍ଥିତ ବରିଷ୍ଠ ନାଗରିକ କଲ୍ୟାଣ ମଣ୍ଡପଠାରେ ଜାତୀୟ ବାଣିଜ୍ୟ ମେଳା ଡାକ ସପ୍ତାହରେ ପାଳିତ ହୋଇଥିଲା। ଏଥିରେ ସୁନ୍ଦରଗଡ଼ ଡାକମଣ୍ଡଳର ସିନିୟର ଓଭରସିୟର ବିଷ୍ଣୁ ପ୍ରସାଦ ନାୟକ, ଏଏସ୍‌ପି ବିଶ୍ୱନାଥ ଜେନା, ସୁନ୍ଦରଗଡ଼ ସାଉଥ ଇନ୍ସପେକ୍ଟର ପୀତବାସ ଖମାରୀ, ନର୍ଥ ଇନ୍ସପେକ୍ଟର ଉଜ୍ୱଳ କୁମାର ଅତିଥି ଭାବେ ଯୋଗଦେଇ ସ୍ୱଳ୍ପ ସଞ୍ଚୟ ଯୋଜନା ଉପରେ ବୁଝାଇଥିଲେ। ପ୍ରତିବର୍ଷ ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ଡାକ ସପ୍ତାହ ପାଳିତ ହୋଇଥାଏ। ସ୍ୱଳ୍ପ ସଞ୍ଚୟ ଯୋଜନା ସହିତ ଡାକବାଜୀ, ଗ୍ରାମୀଣ ଡାକ ବୀମାରେ ଯେଉଁ କର୍ମଚାରୀ ଉତ୍କର୍ଷତା ପ୍ରଦର୍ଶନ କରିଥାନ୍ତି ଜଣଙ୍କୁ ପୁରସ୍କୃତ କରାଯାଇଥାଏ। ଏହିକ୍ରମରେ ଡାକ ସେବକ ଗୌରାଙ୍ଗଙ୍କୁ ପୁରସ୍କୃତ କରାଯାଇଥିଲା।

### ଦଣ୍ଡ ନୃତ୍ୟ ଦେଖିବାକୁ ଆସିଥିବା ଯୁବକଙ୍କ ବାଇକ୍ ଚୋରି

**ବାଉଁଶୁଣୀ,୧୭।୧୦(ଡି.ଏନ.ଏ.)**

ଦଣ୍ଡନୃତ୍ୟ ଦେଖିବାକୁ ଆସି ଜଣେ ଯୁବକଙ୍କ ବାଇକ୍ ଚୋରି ହୋଇଯାଇଛି। ଏ ନେଇ ବାଉଁଶୁଣୀ ଥାନାରେ ଅଭିଯୋଗ ହୋଇଛି। ବୌଦ୍ଧ ବ୍ଲକ ଅଁଳାପାଲି ଗ୍ରାମ ପଞ୍ଚାୟତ ବାଦୀକଟା ଗ୍ରାମରେ ଦଶହରା ଅବସରରେ ଅନୁଷ୍ଠିତ ହେଉଥିଲା ଦଣ୍ଡନୃତ୍ୟ। ଏହି କାର୍ଯ୍ୟକ୍ରମ ଦେଖିବା ପାଇଁ ମନମୁଣ୍ଡା ଖଇରମାଳ ଗ୍ରାମର ଅଶୋକ କୁମାର ବାରିକ ନିଜ ବାଇକ୍ ଧରି ବାଦୀକଟା ଗ୍ରାମକୁ ଯାଇଥିଲେ। ରାତିରେ ଚାଲିଥାଏ ଦଣ୍ଡନୃତ୍ୟର ସୁଆଙ୍ଗ ପରିବେଷଣ। ନୃତ୍ୟ ଦେଖି ଅଧିକ ରାତି ହେବା ପରେ ଅଶୋକ ଜଣେ ସମ୍ପର୍କୀୟଙ୍କ ଘରେ ଶୋଇ ପଡିଥିଲେ। ସକାଳୁ ଦେଖିଲା ବେଳକୁ ସମ୍ପର୍କୀୟ ଶାନ୍ତନୁ ବାରିକଙ୍କ ଘର ଆଗରେ ତାଙ୍କ ବାଇକ୍‌ଟି ନାହିଁ। କେହି ଦୁର୍ବୃତ୍ତ ବାଇକ୍‌କୁ ଚୋରି କରି ନେବା ଜାଣିବା ପରେ ଶନିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଚଳାଇଛି।

# ଶରତ ସ୍ମାରକୀ ଫୁଟବଲ: ଫୁଲଚରା ଚାମ୍ପିୟନ


ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳିମାନେ।

**ଅମରପାଲି,୧୭।୧୦(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟେସିଂହା ଭୀମ ଭୋଇ ସେବା ସଂଘ ଆନୁକୂଲ୍ୟରେ ପ୍ରଥମ ଶରତ ସ୍ମାରକୀ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆଠଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ସୁବଳୟା ଓ ଫୁଲଚରା ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଦୁଇ ଦଳ ମଧ୍ୟରେ ଖେଳ ବରାବର ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଫୁଲଚରା ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଜଟେସିଂହା ହାଇସ୍କୁଲ ପ୍ରଧାନଶିକ୍ଷକ ତ୍ରିପୁରାରୀ ରଥ ମୁଖ୍ୟ ଅତିଥି, କ୍ରିଡାବିତ୍ ଅରୁଣ କୁମାର ସିଂହ, ସ୍ୱେଚ୍ଛାସେବୀ ସୁଧୀର କୁମାର ପାଣିଗ୍ରାହୀ, ଜିଲା ନେହେରୁ ଯୁବକେନ୍ଦ୍ର ସଦସ୍ୟ ଆଶିଷ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଭୟ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କାର ବିତରଣ କରିଥିଲେ। କୁନା ପାତ୍ର, ଅଜିତ ନାଏକ, ପ୍ରଶାନ୍ତ ଷାଣ୍ଢ ଖେଳ ପରିଚାଳନା କରିଥିବାବେଳେ ଉମାକାନ୍ତ ବିଶାଳ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଦିନେଶ ବିଶ୍ୱାଳ, ପ୍ରଶାନ୍ତ ମାଝୀ, ଅଜସ୍ରୀ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ବୃନ୍ଦାବନ ବିଶ୍ୱାଳ, ବଳରାମ ସାହୁ, ରାଘବ ଦାସ, ଅଜିତ କୁମାର ସେଠୀ, ବଳଦେବ ବିଶ୍ୱାଳ, ଅଜିତ ପଧାନ ସହ ସଂଘର ସମସ୍ତ ସଭ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଚକଡ଼ା ପ୍ରଭାବିତ ଜମି ପରିଦର୍ଶନ କଲେ କୃଷି ଅଧିକାରୀ

**ବିନିକା,୧୭।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ବାବୁପାଲି, ବାଙ୍କିଗିର୍ଡି, ସିଂଘିଯୁବା ଆଦି ଗାଁର ଚାଷୀଙ୍କ ଧାନଖେତ ଏବେ ଚକଡା(ମାଟିଆଗୁଣ୍ଡି ପୋକ) ଦ୍ୱାରା ପ୍ରଭାବିତ ହୋଇଛି। ରବିବାର ପ୍ରଭାବିତ ଚାଷ ଜମିକୁ ବୁଲି ଦେଖିଛନ୍ତି ବ୍ଲକ କୃଷି ଅଧିକାରୀ ରାକେଶ ରଞ୍ଜନ ମଲ୍ଲିକ ଓ କୃଷି ବିଜ୍ଞାନ କେନ୍ଦ୍ର ସୁବର୍ଣ୍ଣପୁରର ବୈଜ୍ଞାନିକ ତ୍ରିନାଥ ଖଣ୍ଡାୟତରାୟ। ପୂର୍ବାହ୍ନ ୧୦ଟାରେ ସେମାନେ ବାବୁପାଲି ମୌଜାରେ ବିଭିନ୍ନ କୃଷିକ୍ଷେତ୍ରକୁ ଯାଇ ପ୍ରଭାବିତ ଚାଷ ଜମି ବୁଲି ଦେଖିଥିଲେ। ଜମିରେ ରୋଗପୋକ ପ୍ରାଦୁର୍ଭାବ ହ୍ରାସ ପାଇଥିବା ଦୁଇ କୃଷି ବିଶେଷଜ୍ଞ କହିଛନ୍ତି। କେବଳ ଚକଡା କ୍ଷତିଗ୍ରସ୍ତ ନୁହେଁ, ଅନ୍ୟ ରୋଗପୋକଦ୍ୱାରା କ୍ଷୟକ୍ଷତି ହୋଇଥିଲେ ଆକଳନ କରି ପ୍ରତି ହେକ୍ଟର ପିଛା ୫ଶହ ଟଙ୍କା ଲେଖାଏଁ ସହାୟତା ରାଶି ଚାଷୀଙ୍କୁ ପ୍ରଦାନ କରାଯିବ ବୋଲି କହିଥିଲେ। ଗସ୍ତ ସମୟରେ କୃଷି କର୍ମଚାରୀ ଶର୍ମିଷ୍ଠା କ୍ଷେତୀ, ରାଜେଶ ନାଏକ, ହେମନ୍ତ ଭୋଇ ଏବଂ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ।


କୃଷି ଅଧିକାରୀମାନେ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

### କ୍ଲବ ଘର କବାଟ ଭାଙ୍ଗି ଲୁଟିଲେ ଖେଳ ସାମଗ୍ରୀ

**ବିନିକା,୧୭।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଖଇରମାଳ ନେତାଜୀ କ୍ଲବ କବାଟ ଭାଙ୍ଗି ଶନିବାର ବିଳମ୍ବିତ ରାତିରେ ଚୋରମାନେ ବହୁ ଟଙ୍କାର ବିଦ୍ୟୁତ୍ ଓ ଖେଳ ସାମଗ୍ରୀ ଚୋରି କରି ନେଇଛନ୍ତି। କ୍ଲବ କର୍ତ୍ତୃପକ୍ଷ ରବିବାର ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଚୋରି ସାମଗ୍ରୀ ମଧ୍ୟରେ ରହିଛି ଏକ ଏଲଇଡି ରଙ୍ଗୀନ ଟିଭି, ଟାଟା ସ୍କାଏ ସେଟଅପ ବକ୍ସ, ବିଦ୍ୟୁତ୍ ବୋର୍ଡ, ତାର ଓ ଖେଳ ସାମଗ୍ରୀ। ବିନିକା ପୋଲିସ ଘଟଣାସ୍ଥଳରେ ପହଞ୍ଚ ତନାଘନା ଚଳାଇଛି। ଗତ ୬ମାସ ମଧ୍ୟରେ ଖଇରମାଳରେ ଏହା ଦ୍ୱିତୀୟ ଚୋରି ଘଟଣା। ଗତ ୩।୪।୨୧ରିଖ ରାତିରେ ହରିଶଙ୍କର ବାବାଙ୍କ ଦାନବାକ୍ସ ଭାଙ୍ଗି ଚୋରମାନେ ଲକ୍ଷାଧିକ ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାର ଅଭିଯୁକ୍ତ ଏ ଯାଏ ଗିରଫ ହୋଇ ନାହାନ୍ତି।

# ସୁନ୍ଦରଗଡ଼ କଲେଜର ୧୯୭୭ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ

**ବଡ଼ଗାଁ, ୧୭।୧୦(ଡି.ଏନ୍.ଏ.)**

ସୁନ୍ଦରଗଡ଼ ସରକାରୀ କଲେଜର ୧୯୭୭ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ ଝାରସୁଗୁଡ଼ା ପଞ୍ଚପଡ଼ାଠାରେ ଅନୁଷ୍ଠିତ ହୋଇଛି। ସୁନ୍ଦରଗଡ଼, ବଡ଼ଗାଁ, ବ୍ରଜରାଜନଗର, ରାଉରକେଲାର ମନୋଜ ପୁରୋହିତ, ରୋଶନ ଅଲ୍ଲୀ, ସୁନିତ ପଟେଲ, ରବି ପଣ୍ଡା, ପ୍ରଦୀପ ପଣ୍ଡା, ପ୍ରଦୀପ ପ୍ରସାଦ, ନରେନ୍ଦ୍ର ମିଶ୍ର, ନନ୍ଦ କିଶୋର ପାଣିଗ୍ରାହୀ, ବିମଳ ବିଶି, ମହେନ୍ଦ୍ର ପଟେଲ, କେ.ତାଣ୍ଡିଆ, ବିଜୟ ମିଶ୍ର, ଅଜେକ ପ୍ରଧାନ, ବିରେନ୍ଦ୍ର ସାହୁ, ଜଗନ୍ନାଥ ଜେନା ବନ୍ଧୁମିଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେଠାରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପର୍ଯ୍ୟାବରଣ ଉପରେ ଓ ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ଆଲୋଚନା କରାଯାଇଥିଲା। ଅଜେକ ପ୍ରଧାନ ବଡ଼ଗାଁ ନିକଟ ମହାବୀର ପର୍ବତକୁ ଆହୁରୀ ସବୁଜିମା କରିବା ପାଇଁ ପ୍ରତିବର୍ଷ ବୃକ୍ଷରୋପଣ କରିବା ଉପରେ ପ୍ରସ୍ତାବ ଦେଇଥିଲେ। ଏହାକୁ ନେଇ ସହମତି ପ୍ରକାଶ ପାଇଥିଲା।


ବନ୍ଧୁମିଳନରେ ସାମିଲ ୧୯୭୭ ବ୍ୟାଚ୍ ଛାତ୍ର।

# ୧୧ ପାଣି ମୋଟର ଜବତ, ଅଭିଯୁକ୍ତ ଗିରଫ

**ସୋନପୁର,୧୭।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ବିଭିନ୍ନ ସ୍ଥାନରୁ ପାଣି ମୋଟର ଚୋରି କରୁଥିବା ରାମ ଘଡିଆ(୨୧)ଙ୍କୁ ସୋନପୁର ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସୋନପୁର ସହର କଳିଙ୍ଗ ନଗର ଅଞ୍ଚଳର ରାମଙ୍କ ନିକଟରୁ ପୋଲିସ ୧୧ଟି ଚୋରି ପାଣି ମୋଟର ଉଦ୍ଧାର କରିଛି। ସୋନପୁର ସହର ସମେତ ଆଖପାଖ ଅଞ୍ଚଳରେ କ୍ରମାଗତ ଭାବେ ପାଣି ମୋଟର ଚୋରି ହେବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ସୋନପୁରର ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ମେହେରଙ୍କ ସରକାରୀ ବାସଭବନରୁ ମୋଟର ଚୋରି ହୋଇଥିବା ନେଇ ଗତ ୧୨ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ସେହିପରି ହଳଦିପାଲି ଗ୍ରାମର ଜୟକୃଷ୍ଣ ସାହାଙ୍କ ସମେତ ଅନ୍ୟମାନଙ୍କ ଘରୁ ମୋଟର ଚୋରି ହୋଇଥିବା ନେଇ ଏକାଧିକ ମାମଲା ରୁଜୁ ହୋଇଥିଲା। ରାମ ପାଣି ମୋଟର ଚୋରି କରି ବିଭିନ୍ନ ଲୋକଙ୍କୁ ବିକ୍ରି କରିଥିଲା। ପୋଲିସ ତନାଘନା କରିବା ସହ ରାମଙ୍କୁ ଶନିବାର ଗିରଫ କରିଛି। ସେହିପରି ଅଭିଯୁକ୍ତଙ୍କ ନିକଟରୁ ଚୋରି ପାଣି ମୋଟର ଉଦ୍ଧାର କରାଯାଇଥିବା ସୋନପୁର ଏସ୍‌ଡିପିଓ ପୁଷ୍ପାଞ୍ଜଳି ନିଙ୍ଗୀ ଟାଉନ ଥାନାରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୋନପୁର ଆଇଆଇସି ପୁଷ୍ପେନ୍ଦୁ ସାଗର ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ।


ଗିରଫ ଅଭିଯୁକ୍ତଙ୍କ ସହ ଉଦ୍ଧାର ପାଣି ମୋଟର।

# ଖବରଦାତାଙ୍କ ଭ୍ରାତୃ ବିୟୋଗ

**ବୌଦ୍ଧ,୧୭।୧୦(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁର ଧରିତ୍ରୀ ଖବରକାଗଜର ଖବରଦାତା କୁନା ବେହେରାଙ୍କ ଭାଇ ଅନିରୁଦ୍ଧ ବେହେରାଙ୍କ ରବିବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୪୭ ବର୍ଷ ହୋଇଥିଲା। ସ୍ୱର୍ଗତ ଅନିରୁଦ୍ଧ ବନ ବିଭାଗରେ ୨୫ ବର୍ଷ ହେବ ୱାଚର ଭାବେ କାର୍ଯ୍ୟ କରୁଥିଲେ। ଗତ ୪ ମାସ ତଳେ ସେ କରୋନାରେ ସଂକ୍ରମିତ ହୋଇଥିଲେ। କରୋନାରୁ ଭଲ ହେବା ପରେ ଘରେ ରହିଥିଲେ। ଶନିବାର ଦିନ ହଠାତ୍ ତାଙ୍କର ମଧୁମେହ ଓ ରକ୍ତଚାପ ବଢିଯିବା ସହ ବାନ୍ତି ହୋଇଥିଲା। ପରିବାର ଲୋକ ତାଙ୍କୁ ଔଷଧ ଆଣି ଦେଇଥିଲେ। କିନ୍ତୁ ରବିବାର ପୂର୍ବାହ୍ନ ୧୧ଟା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ଜଣେ ମେଳାପି, ଭଦ୍ର, ଆମାୟିକ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ତଳଗାଁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ବିଏଫ୍‌ଟି ସଂଘର ଜିଲାସ୍ତରୀୟ ବୈଠକ

ଜୁନାଗଡ,(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ୍ ଜାରିଙ୍ଗ କେନ୍ଦ୍ରୀୟ ନର୍ସରୀଠାରେ ରବିବାର ବିଏଫ୍‌ଟି ସଂଘର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ସଙ୍ଗଠନକୁ କିପରି ମଜଭୁତ୍ କରାଯିବ ଓ ସଂଘ ସମସ୍ୟାକୁ କିପରି ସରକାରଙ୍କ ଦୃଷ୍ଟିଗୋଚରକୁ ଅଣାଯିବ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଜୁନାଗଡ ବ୍ଲକ ସଭାପତି ଜୟପ୍ରକାଶ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସମ୍ପାଦକ ତଥା କଳାହାଣ୍ଡି ଜିଲା ସଭାପତି ଅଶୋକ କୁମାର ବାଗ, ଉପସଭାପତି ଝସକେତନ ବେଶ୍ରା, ଜୁନାଗଡ ବ୍ଲକ ସମ୍ପାଦକ ଚର୍ତ୍ତୁଭୂଜ ମାଝି, କୋଷାଧକ୍ଷ ମଧୁସୁଧନ ଦଣ୍ଡସେନା, ପ୍ରଦୀପ ନାଏକ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ଲୁହୁରାମୁଣ୍ଡା ହତ୍ୟାକାଣ୍ଡ: ଫେରାର ଅଭିଯୁକ୍ତ ଗିରଫ



ଲୋଇସିଂହା,୧୭।୧୦(ଡି.ଏନ.ଏ): ଏକ ହତ୍ୟା ଘଟଣାରେ ଜାମିନରେ ଆସି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ପୋଲିସ ରବିବାର ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଆଗଲପୁର ଲୁହୁରାମୁଣ୍ଡାର କଳିକର ବାରିକ(୫୫)। ତାଙ୍କୁ ସନ୍ଧ୍ୟାରେ ବଲାଙ୍ଗୀର ଏସ୍‌ଡିଜେଏମ କୋର୍ଟରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ପୋଲିସ ସୂଚନାମତେ, ୧୯୮୪ ମସିହାରେ ରାଜନୈତିକ ଆକ୍ରୋଶ ଯୋଗୁ ଲୁହୁରାମୁଣ୍ଡା ଗ୍ରାମର ବାଳକୃଷ୍ଣ ବାରିକ ହତ୍ୟାର ଶିକାର ହୋଇଥିଲେ । ଏହି ହତ୍ୟା ଘଟଣାରେ ସେତେବେଳେ ୧୭ ଜଣ ଅଭିଯୁକ୍ତ ରହିଥିଲେ । ଇତିମଧ୍ୟରେ ୭ ଜଣଙ୍କର ମୃତ୍ୟୁ ଘଟି ସାରିଲାଣି । ୪ ଜଣ ଜେଲସଜା କାଟି ରାଜକ୍ଷମା ପାଇ ସାରିଲେଣି । ଆଉ କେତେଜଣ ଅଭିଯୁକ୍ତ ଆଜୀବନ ସଜା କାଟୁଥିବାବେଳେ ବେଲରେ ଆସି ୧୯୯୨ ମସିହାରୁ ଫେରାର ଥିଲେ। ସେଥିମଧ୍ୟରୁ କଳିକର ବାରିକ ଅନ୍ୟତମ ଥିଲେ । ରବିବାର ଆଇଆଇସି ରମାକାନ୍ତ ଜେନା, ଏସଆଇ ନବୀନ ଭୋଇ ଓ ଷ୍ଟାଫ ଲୁହୁରାମୁଣ୍ଡାରେ ଚଢ଼ାଉ କରି କଳିକରଙ୍କୁ ଗିରଫ କରିଥିବା ଆଇଆଇସି ଜେନା କହିଛନ୍ତି। ଏବେ ବି ଘଟଣାର ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଜଣା ପଡିଛି ।

### ଟିଟିଲାଗଡ଼ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ଟିଟିଲାଗଡ଼,୧୭।୧୦ (ଡି.ଏନ.ଏ): ଟିଟିଲାଗଡ ସିଟି ସ୍କୁଲ ମିନି ଷ୍ଟାଡିୟମରେ ରବିବାର ଟିଟିଲାଗଡ ପ୍ରିମିୟମ ଲିଗ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ରଣଜୀ ଟ୍ରଫି ଖେଳାଳି ସଞ୍ଜୟ ବେହେରା, ଜିଲା କ୍ରିକେଟ କ୍ଲବ ଖେଳାଳି ସଦସ୍ୟ ଶରତ ମିଶ୍ର, ଟିଟିଲାଗଡ କ୍ରିକେଟ କ୍ଲବ ଖେଳାଳି ମଧୁ ମହାଲିଙ୍ଗ, ହିଫଜୁଲ ରେହମାନ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଭାବେ ଉପସ୍ଥିତ ଥିଲେ। ଅନ୍ୟତମ ଅତିଥିଭାବେ ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ଗୁଲାବ ସୋନି ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ ହିଫଜୁଲଙ୍କ ଦ୍ୱାରା ପ୍ରୋତ୍ସାହିତ ଟିଟିଲାଗଡ ଷ୍ଟ୍ରାଇକର୍ସ, ଟିକେଶ ମିଶ୍ରଙ୍କ ରୟଲର୍ସ, ପଙ୍କଜ ବାଗଙ୍କ ଥଣ୍ଡର୍ସ, ସନ୍ଦିପ ତ୍ରିପାଠୀଙ୍କ ଟାଇଗର୍ସ ଭାଗ ନେଇଛନ୍ତି। ଆଜିର ମ୍ୟାଚରେ ରୟାଲର୍ସ ଦଳ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ବିନିମୟରେ ୧୪୦ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଥଣ୍ଡର୍ସ ୧୦୨ ରନରେ ସମସ୍ତ ଉଇକେଟ ହରାଇ ପରାଜିତ ହୋଇଛି। ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳି ଆଶିଷ ଆଚାର୍ଯ୍ୟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ସହ ବେଷ୍ଟ ପାରଫର୍ମର ୱାଇ ଶ୍ରୀନିବାସ ରାଓ, ଆଶିଷ ପଣ୍ଡା, ପିୟୁଷ କେ.ୟାଦବ ପୁରସ୍କୃତ ହୋଇଛନ୍ତି। ମ୍ୟାଚ ଅଫ ଦି ସିରିଜ ବିବେଚିତ ଖେଳାଳିଙ୍କୁ ନିଜ ପକ୍ଷରୁ ୫ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରିବେ ବୋଲି ଏହି ଅବସରରେ ପୂର୍ବତନ ରଣଜୀ ଖେଳାଳି ସଞ୍ଜୟ ଘୋଷଣା କରିଛନ୍ତି।

### ଅଷ୍ଟମ, ଏକାଦଶ ପାଠପଢ଼ା ପ୍ରସ୍ତୁତି

ବରଗଡ଼ ଅଫିସ୍,୧୭।୧୦: କୋଭିଡ୍ ଗାଇଡ୍ ଲାଇନ ପାଳନ ସହିତ ଅଷ୍ଟମ ଓ ଏକାଦଶ ଶ୍ରେଣୀ ଖୋଲିବା ସହିତ ପାଠପଢ଼ା ପାଇଁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ଏହି ପରିପ୍ରେକ୍ଷୀରେ ରବିବାର ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କ ଅଧ୍ୟକ୍ଷତାରେ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପଙ୍କ ଶିକ୍ଷା ବିଭାଗର ଅନ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ସ୍କୁଲ କ୍ୟାମ୍ପସ ପରିଷ୍କାର ପରିଚ୍ଛନ୍ନ ରଖିବା, ଅଭିଭାବକ ବୈଠକ ଡାକିବା, ପାନୀୟଜଳ ବ୍ୟବସ୍ଥା, ସ୍କୁଲ ପରିସର ସାନିଟାଇଜ କରିବା, ବିନା ବିରତିରେ ପାଠ୍ୟଦାନ, ସ୍କୁଲ ପରିସରରେ ଖାଦ୍ୟଦ୍ରବ୍ୟ ବିକ୍ରି ନିଷେଧ, ଜନଗହଳି ନ କରିବା, ସାମାଜିକ ଦୂରତା ଅବଲମ୍ବନ କରିବା, ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯିବା ଆଦି ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏହାର ନିୟମିତ ତଦାରଖ ପାଇଁ ଅତିରିକ୍ତ ଜିଲାପାଳ ଟପ୍ପୋ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ଗଣଧାରଣା

### ମହାଲିଙ୍ଗ ଘରୋଇ ସ୍କୁଲ ଅଧକ୍ଷା ନିଖୋଜ ଘଟଣା

■ ୧୦ ଦିନ ପରେ ବି ପୋଲିସ ହାତ ଖାଲି

ଗୋଲାମୁଣ୍ଡା,୧୭।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କେଗାଁ ଥାନା ମହାଲିଙ୍ଗସ୍ଥିତ ସନସାଇନ ପବ୍ଲିକ ସ୍କୁଲ ଅଧକ୍ଷା ମମିତା ମେହେର ନିଖୋଜ ଘଟଣାର ୧୦ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ହାତ ଖାଲି ପଡ଼ିଛି। ଏହି ଘଟଣାରେ ସମ୍ପୃକ୍ତ ସ୍କୁଲ ମାଲିକଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା ଚଳାଇଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି ସହ ପରିବାରକୁ ଉଚିତ ନ୍ୟାୟ, ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ନେଇ ରବିବାର କେଗାଁ ଭାଜପା ମଣ୍ଡଳ ପକ୍ଷରୁ ସ୍ଥାନୀୟ ଥାନା ସମ୍ମୁଖରେ ଧାରଣା ଦିଆଯାଇଛି। କେଗାଁ ମଣ୍ଡଳ ସଭାପତି ଦୁରଦାକ୍ଷ ପୁଟେଲଙ୍କ ସଭାପତିତ୍ୱରେ ଆୟୋଜିତ ଧାରଣାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ରାଜ୍ୟ ସମ୍ପାଦିକା ଶର୍ମିଷ୍ଠା ମେହେର, ଜିଲା ଉପସଭାପତି ଅଜୟ ପାଣିଗ୍ରାହୀ, ଜିଲା ଯୁବ ମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁ, ଯୁବ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଦୀପଜ୍ୟୋତି ମୁଣ୍ଡ, ଜୁନାଗଡ ବ୍ଲକ ଉପାଧକ୍ଷ ଟଙ୍କଧର ନାଏକ, ଜିଲା କାର୍ଯ୍ୟକାରୀଣୀ ସଦସ୍ୟ ପୃଥ୍ୱିରାଜ ପ୍ରଧାନ, ଜିଲା ସୋସିଆଲ ମିଡ଼ିଆ ସଂଯୋଜକ ରାମକୃଷ୍ଣ ମେହେର, ସ୍ଥାନୀୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଚମ୍ପାବତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଘଟଣା ନେଇ ମୁଖ୍ୟମନ୍ତ୍ରୀ ଓ ଗୃହରାଷ୍ଟ୍ର ମନ୍ତ୍ରୀଙ୍କ ଉପରେ ଦଳୀୟ ନେତା ବର୍ଷିଥିବା ବେଳେ ବିଜେଡି ସରକାର ସମୟରେ ମହିଳା ସୁରକ୍ଷିତ ନୁହନ୍ତି ବୋଲି କହିଥିଲେ।

ସୂଚନା ଯେ, ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ଘର ବଲାଙ୍ଗୀର ଜିଲା ତୁରେକେଲା ଥାନା ଝରଣୀ ଗାଁରେ। ଗତ ୮ ତାରିଖରେ ସ୍କୁଲରେ ମିଟିଂ ଅଛି କହି ସ୍କୁଲ ମାଲିକ ଗୋବିନ୍ଦ ସାହୁ ତାଙ୍କୁ ଡକାଇଥିଲେ। କିନ୍ତୁ ମମିତା ଆଉ ଘରକୁ ଫେରି ନ ଥିବାରୁ ନିଖୋଜ ନେଇ ପରିବାର ଲୋକେ ସିନ୍ଧେକେଲା ଥାନାରେ ଅଭିଯୋଗ କରିଥିଲେ। ସିନ୍ଧେକେଲା ପୋଲିସ ଅଭିଯୋଗକୁ ଭିତ୍ତି କରି ୧୩ ତାରିଖରେ ଏକ ମାମଲା (ନଂ. ୯୭/୨୧) ରୁଜୁ କରି କେଗାଁ ପୋଲିସ ସହଯୋଗରେ ତଦନ୍ତ ଆରମ୍ଭ କରିଥିଲା।




ଥାନା ସମ୍ମୁଖରେ ଭାଜପାର ଗଣଧାରଣା।

# ଫୁଟବଲ: ଲେଣ୍ଡା ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଓ ରନର୍ସ ଅପ୍ ଦଳର ଖେଳାଳିବୃନ୍ଦ।

ବରଗଡ଼ ଅଫିସ୍/ବରପାଲି,୧୭।୧୦

ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ କଦଳିପାଲିଠାରେ ଚାଲିଥିବା ୨୮ତମ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଉକ୍ତ ପ୍ରତିଯୋଗିତାରେ ୮ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ଲେଣ୍ଡା ଏବଂ ଧିରପୁର ଦଳ ଫାଇନାଲକୁ ଉନ୍ନୀତ ହୋଇଥିଲା। ଲେଣ୍ଡା ପ୍ରତିପକ୍ଷ ଧିରପୁରକୁ ୩-୦ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ସରପଞ୍ଚ ରବି ସାହୁ, ଆଶିଷ ଭୋଇ, ସନ୍ତୋଷ ପ୍ରଧାନ, ଧନସିଂ ବରିହା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିମାନେ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ରଞ୍ଜୁ ଛତ୍ରିଆ, ବଳିଷ୍ଠ ଭୋଇ, କ୍ଷିତିପତି ପ୍ରଧାନ, ଜିତେନ୍ଦ୍ରୀୟ ବାବୁ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

# ଏକଦିବସୀୟ ଫୁଟବଲ: ଲୋଇସିଂହା ଚାମ୍ପିୟନ



ଫାଇନାଲ ମ୍ୟାଚ ଖେଳିଥିବା ଉଭୟ ଦଳର ଖେଳାଳିମାନେ।

ଲୋଇସିଂହା,୧୭।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମରେ ୧୮ ବର୍ଷରୁ କମ୍ ବର୍ଗର ଏକଦିବସୀୟ ଫୁଟବଲ ପ୍ରତିଯୋଗୀତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଲୋଇସିଂହା ଓ ନଅଗାଁ(ଖ) ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳ ବରାବର ରହିଥିଲା। ଟାଇବ୍ରେକରରେ ୬-୫ ଗୋଲରେ ଲୋଇସିଂହା ବିଜୟୀ ହୋଇଥିଲା। ଶ୍ରେଷ୍ଠ ଗୋଲକିପରଭାବେ ରଜତ ଭୋଇ, ଶ୍ରେଷ୍ଠ ଖେଳାଳି ଅନିରୁଦ୍ଧ ଦାସ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ବ୍ଲକ ଯୁବ ବିଜେଡି ସଭାପତି ପ୍ରକାଶ ମହାରଣା ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ଇଂ. ନିତ୍ୟାନନ୍ଦ କୁଏଡ ଓ ମାହେଶ୍ୱରୀ କ୍ଲବ ସଭାପତି ଦେବାଶିଷ ବିଶୋଇ ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିଥିଲେ।

# ମଞ୍ଜୁଦେବୀ ଜୈନ ହତ୍ୟା ଘଟଣା: ଜଣେ ଗିରଫ

ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ୧୭।୧୦ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଜମିଦାରପଡାରେ ଗତ ସେପ୍ଟେମ୍ବର ୧୧ ତାରିଖ ନୂଆଁଖାଇ ଦିନ ଦ୍ୱିପହରରେ ବ୍ୟବସାୟୀ ବିନୋଦ ଜୈନଙ୍କ ଘରେ ପଶି ତାଙ୍କ ସ୍ତ୍ରୀ ମଞ୍ଜୁଦେବୀ (୫୧)ଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଜମିଦାରପଡାର ଜଣେ ଯୁବକ ମୋତି ଭୋଇ (୨୫)ଙ୍କୁ ଗିରଫ କରାଯାଇଛି। ସାଇଣ୍ଟିଫିକ୍ ଟିମ୍‌ର ରିପୋର୍ଟ ଏବଂ ପାରିପାର୍ଶ୍ୱିକ ଅବସ୍ଥାକୁ ଭିତ୍ତିକରି ଅଭିଯୁକ୍ତ ଭୋଇଙ୍କୁ ଗିରଫ କରାଯାଇଥିବା କଣ୍ଟାବାଞ୍ଜି ଏସ୍‌ଡିପିଓ ହୃଷିକେଶ ମେହେର ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଗତ ୧୧ ତାରିଖରେ ବିନୋଦ ଜୈନ ଓ ତାଙ୍କ ପୁଅ ବଙ୍ଗୋମୁଣ୍ଡା ବଜାରରେ ଥିବା ତାଙ୍କ କପଡା ଦୋକାନରେ ଥିଲେ। ମଧ୍ୟାହ୍ନରେ ଘରାକୁ ଖାଇବା ଆସିଲା ବେଳକୁ ବିନୋଦଙ୍କ ସ୍ତ୍ରୀ ମଞ୍ଜୁଦେବୀ ଓ ତାଙ୍କ ବଡଭଉଣୀ କାନୁନ କୁମାର ଜୈନ୍ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘର ଚଟାଣରେ ପଡିଥିବା ଦେଖିଥିଲେ। ଭୟରେ ସେମାନେ ଚିତ୍କାର କରିବା ପରେ ସାଇପଡିଶା ଲୋକେ ସେଠାରେ ପହଞ୍ଚିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଘଟଣାସ୍ଥଳରେ ମଞ୍ଜୁଦେବୀ ମୃତ ବୋଲି ଜଣାପଡିବା ପରେ ଗୁରୁତର ଆହତ କାନୁନ ଦେବୀଙ୍କୁ ଡାକ୍ତରଖାନା ପଠାଇଥିଲେ। ଲୁଟ୍ ଉଦ୍ଦେଶ୍ୟରେ ଏମାନଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ସନ୍ଦେହ କରାଯାଇଥିଲା। ଦୀର୍ଘଦିନ ପରେ ଏହି ହତ୍ୟା ମାମଲାରେ ପୋଲିସ ଜଣଙ୍କୁ ଗିରଫ କରିଛି।

### ସିସିଟିଭିରେ କଏଦ ଚୋରଙ୍କ ଫଟୋ

କୋକସରା,୧୭।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ସହରରେ ଗତ ଏକ ସପ୍ତାହ ମଧରେ ୨ ଟ୍ରାକ୍ଟରରୁ ବ୍ୟାଟେରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଶନିବାର ବିଳମ୍ବିତ ରାତିରେ ବ୍ଲକ କଲୋନିରେ ଥିବା ଦଶରଥ ପଟ୍ଟନାୟକଙ୍କ ଟ୍ରାକ୍ଟରରୁ ବ୍ୟାଟେରୀ ଚୋରି କରି ନେଉଥିବା ଚୋରଙ୍କ ଚିତ୍ର ବ୍ଲକ କଲୋନୀରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। ପୂର୍ବରୁ ମଧ ନରେନ୍ଦ୍ର ନାଏକଙ୍କ ଟ୍ରାକ୍ଟରରୁ ଚୋରି ହୋଇଥିବା ଜଣାପଡିଛି। ପୋଲିସ ପ୍ରଶାସନ ପକ୍ଷରୁ କୋକସରା ସହରରେ ରାତି ପାଟ୍ରୋଲିଂ ହେଉ ନ ଥିବାରୁ ଚୋରି ହେଉଥିବା ନେଇ ସାଧାରଣ ଲୋକେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ନେଇ ଥାନାରେ କୌଣସି ଅଭିଯୋଗ ଆସିନାହିଁ ବୋଲି ଥାନା ଅଧିକାରୀ ରମଣି ରନ ଦଲେଇ ସୂଚନା ଦେବା ସହ ପାଟ୍ରୋଲିଂ କଡାକଡି କରାଯିବ ବୋଲି କହିଛନ୍ତି।

# ଚାରାରୋପଣ, ଯତ୍ନ ପାଇଁ ସଚେତନତା

ଦେଓଗାଁ,୧୭।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଗଡାରେ ରବିବାର ଗ୍ରୀନ ଇଗଲ ଆର୍ମି ସଂଗଠନ ପକ୍ଷରୁ ଚାରାରୋପଣ ଓ ତାର ଯତ୍ନ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ପ୍ରକୃତିବନ୍ଧୁ କେଶବ ଚନ୍ଦ୍ର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ମହଲାଇ ସରପଞ୍ଚ ତନୁଜା ସାହୁ, ଯୁବକବି ଅର୍ଜୁନ ସାହୁ, କୋଶଲି କବି ରାଜେଶ ଦଣ୍ଡସେନା, ପୂର୍ବତନ ସରପଞ୍ଚ ପରମେଶ୍ୱର ସାହୁ ଯୋଗଦେଇ ଚାରା ରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ପ୍ରତ୍ୟେକ ପରିବାରର ସଦସ୍ୟମାନେ ଅତିକମରେ ଗୋଟିଏ ଲେଖାଏ ଗଛ ଲଗାଇ ତାର ଉପଯୁକ୍ତ ଯତ୍ନ ନେବା ପାଇଁ ଅତିଥିମାନେ ଅନୁରୋଧ କରିଥିଲେ । ଗାଁ ତଥା ନିଜ ଜମିରେ ଚାରାରୋପଣ କରି ତାର ଉଚିତ ରକ୍ଷଣାବେକ୍ଷଣ କରିଥିବା କୁଦୋବନ୍ଧଲିଆର ସାହୁ ପରିବାରକୁ ବଟମିତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା । ଗ୍ରୀମ ଇଗଲ ଆର୍ମି ଅନୁଷ୍ଠାନ ଏକଦଶନ୍ଧି ଧରି ବଲାଙ୍ଗୀର ସମେତ ସୁବର୍ଣ୍ଣପୁର, କଳାହାଣ୍ଡି ଓ ନବରଙ୍ଗପୁର ଜିଲାରେ ଚାରାରୋପଣ ଉପରେ କାର୍ଯ୍ୟ କରିଆସୁଛି।



କୁଦୋବନ୍ଧଲିଆ ସାହୁ ପରିବାରକୁ ବଟମିତ୍ର ସମ୍ମାନରେ ସମ୍ମାନିତ କରାଯାଉଛି ।

# କରଙ୍ଗାଭଟାକୁ ହରାଇ ପଲସିପାଣି ଚାମ୍ପିୟନ

### ଦୁର୍ଗାପୂଜା ଉପଲକ୍ଷେ କବାଡ଼ି ପ୍ରତିଯୋଗିତା

ନୂଆପଡ଼ା ଅଫିସ,୧୭।୧୦

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡଠାରେ ଦୀର୍ଘ ବର୍ଷ ହେଲା ଦୁର୍ଗାପୂଜା ଉପଲକ୍ଷେ କବାଡି ପ୍ରତିଯୋଗତା ଏକ ପରମ୍ପରା ହୋଇ ରହିଥିବା ବେଳେ ଚଳିତବର୍ଷ ୨ ଦିନ ଧରି ଏହା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ବୈରାଜ ସାହୁ, ତରବୋଡ ଫାଣ୍ଡି ଅଧିକାରୀ ରାମଲାଲ ଜୁରିଆ, କୋଲତା ସମାଜ ଯୁବ ସଭାପତି ରାକେଶ ସାହୁ, ଜିତେନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଫାଇନାଲ ଖେଳ ପଲସିପାଣି ଓ କରଙ୍ଗାଭଟା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କରଙ୍ଗାଭଟାକୁ ହରାଇ ପଲସିପାଣି ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟରେ ପଲସିପାଣି ପ୍ରଥମ, କରଙ୍ଗଭାଟ ଦ୍ୱିତୀୟ, ଠାକରୁପାଲି ତୃତୀୟ ଓ ଚତୁର୍ଥ ସ୍ଥାନରେ ଦର୍ଲିମୁଣ୍ଡା ପୁରସ୍କୃତ ହୋଇଥିଲେ। ୪୭ତମ ଦୁର୍ଗାପୂଜା ପୂର୍ତ୍ତି ଉପଲକ୍ଷେ ଗତବର୍ଷର ସମସ୍ତ ପଦାଧିକାରୀ ତଥା ଗ୍ରାମର ବରିଷ୍ଠ ନାଗରିକଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୂଜା କମିଟି ସଭାପତି ଶ୍ରୀକାନ୍ତ ପ୍ରଧାନ, ଉପସଭାପତି ଦୁଃଖ ଭଜନ ନାଏକ, ସମ୍ପାଦକ ସରଜୁ ନିଆଲ, କୋଷାଧକ୍ଷ ଅକ୍ଷୟ ଗହିର, ଅଜୟ ଅହିର, କୁମୁଦ ବନଛୋର, ବଳରାମ ଗହିର, ଅଜୟ ଗହିର ପ୍ରମୁଖ ସହଯୋଗ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ରେଞ୍ଜର ପ୍ରଫୁଲ କୁମାର ଦୁରିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁନ୍ନାରାମ ଅହିର, ନରସିଂ ସାହୁ, ଯୋଗେନ୍ଦ୍ର ନାଏକ, ସୁଖନ ଅହିର, ବ୍ରହ୍ମା ସୁନାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଜିଲା ତଥା ଜିଲା ବାହାରୁ ୩୦ଟି ଦଳ ଅଂଶ ଗ୍ରହଣ କରିଥିଲେ।

### ଉଦ୍ଧାର ଅଜଗର ଲଙ୍ଗଲଗୁଡା ଜଙ୍ଗଲରେ ଛଡ଼ାଗଲା

ରୁପ୍ରାରୋଡ,୧୭।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବନାଞ୍ଚଳ ରୁପ୍ରାରୋଡ ରେଞ୍ଜ ଅଧୀନ ରୁପ୍ରା ଶିଶୁ ମନ୍ଦିରକୁ ଯାଇଥିବା ରାସ୍ତା ଉପରେ ଶନିବାର ସନ୍ଧ୍ୟାରେ ଏକ ସାଢ଼େ ସାତ ଫୁଟର ଅଜଗର ଉଦ୍ଧାର କରାଯାଇଛି। ପରେ ବନବିଭାଗ କର୍ମଚାରୀମାନେ ସ୍ଥାନୀୟ ଲଙ୍ଗଲଗୁଡା ଜଙ୍ଗଲକୁ ନେଇ ଛାଡି ଦେଇଥିଲେ। ରୁପ୍ରା ଶିଶୁ ମନ୍ଦିରକୁ ଯାଇଥିବା ରାସ୍ତା ଉପରେ ଏକ ସାଢ଼େ ସାତ ଫୁଟର ଅଜଗର ଥିବା କେତେକ ପଥଚାରୀ ଦେଖିଥିଲେ। ଖବର ପାଇ ଦେଖିବାକୁ ଲୋକଙ୍କ ସୁଅ ଛୁଟିଥିଲା। ଅଜଗର ଖାଦ୍ୟ ଖାଇଥିବାରୁ ଯାଇ ନ ପାରି ରାସ୍ତା ଉପରେ ପଡ଼ିଥିବା ବେଳେ କୌଣସି ବାଇକ୍ ଚଢ଼ି ଯାଇଥିବାରୁ ଆଘାତ ପାଇଥିବା ଅନୁମାନ କରାଯାଉଛି। ଗ୍ରାମବାସୀଙ୍କଠାରୁ ରୁପ୍ରାରୋଡ ଫରେଷ୍ଟର ବିଶ୍ୱଜିତ ଠାକୁର ଖବର ପାଇ ବିଭାଗୀୟ କର୍ମଚାରୀଙ୍କୁ ପଠାଇ ଉଦ୍ଧାର କରିଥିଲେ।

### କୋଶଲିଆ ମାଳୀ ସମାଜର ବୈଠକ

ସୋନପୁର,୧୭।୧୦(ନି.ପ୍ର.): ସୋନପୁର ବ୍ଲକ ଖାରୀ ପଞ୍ଚାୟତ ଘଣ୍ଟାପାଲିଠାରେ ସୁବର୍ଣ୍ଣପୁର ଜିଲା ମାଳି ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜ ସଭାପତି ଡ. ଅନିରୁଦ୍ଧ କୁରକୁରିଆ ସଭାରେ ଅଧକ୍ଷତା କରିଥିଲେ। ଜିଲା ସମ୍ପାଦକ ନିରଞ୍ଜନ ପୁଟେଲ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ହେମନ୍ତ ପୁଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜରେ ଭାତୃତ୍ୱଭାବ ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲା ସମ୍ପାଦକ ଜଗ ପୁଟେଲ, ବରୁଣ ପୁଟେଲ, ରାମ ପୁଟେଲ, କୋଷାଧକ୍ଷ ମକରଧ୍ୱଜ ଚୌଧୁରୀ, ଦିଗାମ୍ବର ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ମାଳି ସମାଜ ଯୁବମୋର୍ଚ୍ଚା ସଭାପତି ବିଦ୍ୟାଧର ଖୁର୍ଡିଆ, ସମ୍ପାଦକ ସତ୍ୟ ବାରଖୁଣ୍ଟିଆ, ସୁବଳ ପୁଟେଲ, ସୁଦାମ ପୁଟେଲଙ୍କ ସମେତ କଣ୍ଟାମାଳ, ବାଞ୍ଜିପାଲି, ଶଙ୍କରା, ଘଣ୍ଟାପାଲି, ବୀରମହାରାଜପୁର, ଉଲୁଣ୍ଡା ଓ ଡୁଙ୍ଗୁରିପାଲି ଅଞ୍ଚଳର ସଭାପତି, ସମ୍ପାଦକ ଓ ସମାଜ ସଦସ୍ୟମାନେ ଯୋଗଦେଇଥିଲେ।

# ପାର୍ବଣ, ବିବାହ କାର୍ଯ୍ୟରେ ନିଶା ସେବନ ବର୍ଜନ କର

ଅମରପାଲି,୧୭।୧୦(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତ ଅନ୍ତର୍ଗତ ଯୁବରାଣୀ ସୀତାପୁରରେ ନିଶାମୁକ୍ତ ପକ୍ଷ ପାଳିତ ହୋଇଯାଇଛି। ଲବ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେବାର୍ଚ୍ଚନ ଚାଉଳିଆ ମୁଖ୍ୟଅତିଥି, ସୁଦାମ ଗାଇଗରିଆ, ଦିଲ୍ଲୀପ ପଧାନ, ଦୀନବନ୍ଧୁ ଶଙ୍ଖୁଆ, ଉପେନ୍ଦ୍ର ମହାକୁର, ଶଙ୍କର୍ଷଣ ଛନ୍ଦ, ଦୟା ସାଗର ମେଣ୍ଡିଲି, ଅକ୍ରୁର ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଭିନ୍ନ ପୂଜା ପାର୍ବଣ, ବିବାହ ଆଦି କାର୍ଯ୍ୟକ୍ରମରେ ନିଶା ସେବନକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଏହି ଅବସରରେ ନିଷ୍ପତ୍ତି ନିଆଯାଇଥିଲା। ସୁଦାମ ଗାଇଗରିଆ ବାଲ୍ୟ ବିବାହ ଓ ନିଶା ନିବାରଣ ଉପରେ ଅବଗତ ସହ ବିଭିନ୍ନ ଆଇନ ଉପରେ ପରାମର୍ଶ ପ୍ରଦାନ କରିଥିଲେ। ପ୍ରତ୍ୟେକ ଜାତି ସମାଜ ନିଜେ ସଚେତନ ହେବା ସହ ପରିବାର ବର୍ଗଙ୍କୁ ସଚେତନ କରିବାକୁ ଅନୁରୋଧ କରାଯାଇଥିଲା। ପଞ୍ଚାୟତର ସମସ୍ତ ଗ୍ରାମ୍ୟ କମିଟିମାନଙ୍କୁ ମୁର୍ଷୁଣ୍ଡୀଠାରେ ନିର୍ମାଣ ହେବାକୁ ଥିବା ମାହେଶ୍ୱରୀ ସଂସ୍କୃତି ଭବନ ସକାଶେ ସହଯୋଗ ପାଇଁ ନିବେଦନ କରାଯାଇଥିଲା।



ନିଶା ନିବାରଣ ପକ୍ଷ ପାଳନ ଅବସରରେ ଏକାଠି ହୋଇଥିବା ଜନସାଧାରଣ।

# ବିରୋଧୀ ହୀନ ରାଜନୀତି କରୁଛନ୍ତି: ବିଜେଡି

### ମହାଲିଙ୍ଗ ଘରୋଇ ସ୍କୁଲ ଅଧକ୍ଷା ନିଖୋଜ ଘଟଣା

ଭବାନୀପାଟଣା,୧୭।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗସ୍ଥିତ ସନ୍‌ସାଇନ ପବ୍ଲିକ ସ୍କୁଲ ଅଧକ୍ଷା ମମିତା ମେହେର ନିଖୋଜ ଘଟଣାକୁ ନେଇ ରାଜନୈତିକ ବୟାନ ବାଜି ଆରମ୍ଭ ହୋଇଛି। କିଛି ନିର୍ଦ୍ଦିଷ୍ଟ ଗଣମାଧମ ଏହି ଘଟଣାରେ ଜୁନାଗଡ ବିଧାୟକ ତଥା ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଥିବା ତଥା ସ୍କୁଲ ମାଲିକଙ୍କୁ ମନ୍ତ୍ରୀ ସୁରକ୍ଷା ଦେବା ନେଇ ବାରମ୍ବାର ଖବର ପ୍ରସାରିତ କରୁଥିବାବେଳେ ଏହାକୁ ନେଇ ଜିଲା ବିଜେଡିରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଗୃହରାଷ୍ଟ୍ର ମନ୍ତ୍ରୀ ମିଶ୍ରଙ୍କ ଲୋକପ୍ରିୟତାକୁ ଦେଖି ସହି ନ ପାରି ବିରୋଧୀ କଂଗ୍ରେସ ଓ ଭାଜପା ଅପପ୍ରଚାର କରି ଏପରି ହୀନ ରାଜନିତୀ କରୁଛି ବୋଲି ରବିବାର ସନ୍ଧ୍ୟାରେ ଭବାନୀପାଟଣାସ୍ଥିତ ଏକ ହୋଟେଲରେ ଖବରଦାତା ସମ୍ମିଳନୀରେ ଜିଲା ବିଜେଡି କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ମନ୍ତ୍ରୀଙ୍କୁ ବଦନାମ କରିବା ପାଇଁ ଔଷଧ ବିକଳରେ ବିରୋଧୀ ତାଡିଆ କାମୁଡୁଛନ୍ତି ବୋଲି ଉପସ୍ଥିତ ବକ୍ତାମାନେ କହିଥିଲେ। ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଜିଲା ସାଧାରଣ ସମ୍ପାଦକ ଭବାନୀ ଶଙ୍କର ମିଶ୍ର, ଉପସଭାପତି ଜିତେନ୍ଦ୍ର ମହାନ୍ତି, ପ୍ରଦୀପ ମୁଣ୍ଡ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଜିଲା ସଭାନେତ୍ରୀ ଲଳିତା ନାଏକ, ଜିଲା ଯୁବ ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ପରିଷଦ ସଦସ୍ୟ ଜାକିର ହୁସେନ, ଯୁବ ବିଜେଡି ଉପସଭାପତି ମଣ୍ଟୁ ନାଏକ, ଜୋନ ସଭାପତି ମନିନ୍ଦ୍ର ମହାନ୍ତି, ରାଜ୍ୟ ସମ୍ପାଦିକା ସବିତା ପ୍ରଧାନ, ଟାଉନ ସଭାପତି ରାଜିବ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଭାଜପା ଉପସଭାପତି ଅଜୟ ପାଣିଗ୍ରାହୀଙ୍କୁ ପଚାରିବାରୁ ଘଟଣାର ତଦନ୍ତ ବିଳମ୍ବ ଓ ଦୋଷୀଙ୍କ ବିରୋଧରେ ଏଯାଏଁ କାର୍ଯ୍ୟାନୁଷ୍ଠାନ ନ ହେବା ଶାସକ ଦଳର ସ୍ୱଚ୍ଛ ଶାସନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି କହିଥିଲେ। କଂଗ୍ରେସ ଜିଲା ସାଧାରଣ ସମ୍ପାଦକ ଚିତ୍ତ ରଞ୍ଜନ ନିଆଲ କହିଛନ୍ତି ଯେ, ତଦନ୍ତରେ ବିଳମ୍ବ ହେବା ସିଧାସଳଖ ଗୃହବିଭାଗ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯେହେତୁ ଗୃହବିଭାଗ ରାଷ୍ଟ୍ରମନ୍ତ୍ରୀ ଖୋଦ୍ କ୍ୟାପଟେନ ମିଶ୍ର ରହିଛନ୍ତି। ତେଣୁ ଏହି ଘଟଣାରେ ଅନ୍ୟ କାହା ଜରିଆରେ ନୁହେଁ ଖୋଦ୍ ଗୃହରାଷ୍ଟ୍ରମନ୍ତ୍ରୀ ମିଶ୍ର ସର୍ବସାଧାରଣରେ ଯୁକ୍ତି ରଖନ୍ତୁ ବୋଲି କହିଥିଲେ।




ଭବାନୀପାଟଣାରେ ଖବରଦାତା ସମ୍ମିଳନୀରେ ବିଜେଡି ନେତୃମଣ୍ଡଳୀ।

### ସ୍ଥାନ ସଂରକ୍ଷଣକୁ ନେଇ ଓବିସି ମଞ୍ଚର ଅସନ୍ତୋଷ

ଟିଟିଲାଗଡ଼, ୧୭।୧୦ (ଡି.ଏନ.ଏ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବାଲାଙ୍ଗୀର ଜିଲାରେ ଓବିସିଙ୍କୁ ୨୭ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାର ଉଲ୍ଲଂଘନ କରାଯାଇଛି। ଏଭଳି ଅଭିଯୋଗ କରିଛି ଓବିସି ମଞ୍ଚ ଟିଟିଲାଗଡ ଶାଖା। ଆଇନଜୀବୀ ମନୋଜ ହାତୀଙ୍କ ଆବାହକତ୍ୱରେ ମଞ୍ଚର ସଦସ୍ୟମାନେ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରୁ ଏକ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଘ ଅଭିଯୋଗ କରିଛି ଯେ, ଜିଲାପାଳଙ୍କ ଦ୍ୱାରା ଜାରି ତାଲିକା ଅନୁଯାୟୀ ଜିଲାର ୧୪ ବ୍ଲକ ଏବଂ ୩୪ଜିଲା ପରିଷଦ ଆସନରେ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣରେ ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ କରାଯାଇଛି। ପରେ ଏ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସହାୟକ ଜିଲାପାଳ ଡ. ଲଳିତ ବାଗଙ୍କୁ ପ୍ରଦାନ କରାଯାଇଥିଲା। ବିକ୍ଷୋଭ କାର୍ଯ୍ୟକ୍ରମରେ ଓବିସି ମଞ୍ଚର ଘିନୁ ଆଡ଼ଯୁଆଡ, ଦୟାରାମ ଅଗ୍ରୱାଲ, ଅଭୟ ସାହୁ, ଦେବାନନ୍ଦ ସାହୁ, ଝସକେତନ ଛତର, ତୁଳସି ସାହୁ, ଅନନ୍ତ କିଶୋର ସାହୁ, ସୁଧିର ଘଡେଇ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୮ ଅକ୍ଟୋବର, ୨୦୨୧

## ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ବେଲପଡା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ବେଲପଡା ଥାନା ତଅଁଳା ନର୍ସରୀ ରାସ୍ତାରେ ରବିବାର ସନ୍ଧ୍ୟାରେ ଅଜଣା ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅଗ୍ନିଶମ ବିଭାଗ କର୍ମଚାରୀ ବାଇକ ଆରୋହୀଙ୍କୁ ଉଦ୍ଧାର କରି ବେଲପଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଇକ ଆରୋହୀଙ୍କ ପତ୍ତା ମିଳିନାହିଁ। ମୃତଦେହ ନିକଟରୁ ସିଡି ଡିଲକ୍ସ ବାଇକ(ନଂ.ଓଡି ୦୩ ଏଫ୩୭୬୮) ଉଦ୍ଧାର କରାଯାଇଛି। ମୃତକ ଖଇରିଆ ରଙ୍ଗର ଟି ଶାର୍ଟ ଓ ଜିନ୍ସ ପ୍ୟାଣ୍ଟ ପିନ୍ଧିଛନ୍ତି। ତାଙ୍କ ବୟସ ୩୫ରୁ ୪୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି।ଉକ୍ତ ଯୁବକଙ୍କୁ ଏକ ଟ୍ରାକ୍ଟର ଧକ୍କା ଦେଇ ନୁନହାଡ ଗ୍ରାମ ପଟକୁ ପଳାଇ ଯାଇଥିବା ଆଲୋଚନା ହେଉଛି। ଡାକ୍ତରଖାନାରେ ମୃତଦେହ ରଖାଯାଇଥିବା ପୋଲିସ କହିଛି।



**ସଂକ୍ଷେପରେ**

## ମା'ଙ୍କ ଅନ୍ତିମ ସଂସ୍କାର କଲେ ସୀମା

ବାଉଁଶୁଣୀ,୧୭।୧୦(ଡି.ଏନ.ଏ.): ସାଧାରଣତଃ ଆମ ସମାଜରେ ପୁଅମାନେ ମା' ବାପାଙ୍କ ଅନ୍ତିମ ସଂସ୍କାର ଲାଗି ମଶାଣିକୁ ଯାଇ ନୀତି ନିୟମ ଅନୁଯାୟୀ କାର୍ଯ୍ୟ କରିଥାନ୍ତି। କିନ୍ତୁ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଗୁଡଭେଲିପଦର ଗ୍ରାମରେ ରବିବାର ଏକ ପରିବାରରେ ପୁଅ ବଦଳରେ ଝିଅ ଯାଇ ମା'ଙ୍କ ଅନ୍ତିମ ସଂସ୍କାର କରିଛନ୍ତି। ଏହି ଗ୍ରାମରେ ବାସ କରୁଥିବା ମୁକ୍ତା ସାହୁଙ୍କ ମୃତ୍ୟୁ ହେବା ପରେ ତାଙ୍କର ଏକମାତ୍ର ଝିଅ ସୀମା ଗାଁ ମଶାଣିକୁ ଯାଇ ବିଧି ମୁତାବକ ମା'ଙ୍କ ମୁହଁରେ ନିଆଁ ଦେବା ସହ ଜୁଇରେ ଅଗ୍ନି ସଂଯୋଗ କରି ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପିଲାଟି ଦିନରୁ ବାପାଙ୍କୁ ହରାଇ ମା' ସହ ଗୁଡଭେଲିପଦର ଗାଆଁରେ ରହୁଥିଲେ ସୀମା (୨୫)। ମା' ମୁକ୍ତା ଗାଁ ସ୍କୁଲରେ ରୋଷେଇ କରି ପରିବାର ଚଳାଉ ଥିଲେ। ରୋଗରେ ପଡି ରବିବାର ମା'ଙ୍କ ମୃତ୍ୟୁ ଘଟିବା ପରେ ସୀମା ଗାଁ ଲୋକଙ୍କ ସହାୟତାରେ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି। ହେଲେ ଶୁଦ୍ଧି କ୍ରିୟା ପାଇଁ ଅର୍ଥ କେଉଁଠୁ ଆସିବ ଓ ସେ ଆଗକୁ କିପରି ନିଜ ପେଟ ପୋଷିବେ ସେହି ଚିନ୍ତା ତାଙ୍କୁ ଘାରିଛି। ଜିଲା ପ୍ରଶାସନ ଅସହାୟ ସୀମାଙ୍କୁ ସହାୟତାର ହାତ ବଢାଇବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ଜେସିବି ମାଲିକ ସଂଘର ନୂତନ କର୍ମକର୍ତ୍ତା

ପଦ୍ମପୁର,୧୭।୧୦(ଡି.ଏନ.ଏ): ବରଗଡ ଜିଲା ଜେସିବି ମାଲିକ ସଂଘର ଏକ ବୈଠକ ରବିବାର ମଙ୍ଗଳମ ପ୍ୟାଲେସରେ ଅନୁଷ୍ଠିତ ହୋଇଛି। ଅନ୍ୟ ରାଜ୍ୟର ଜେସିବିକୁ ବରଗଡ଼ ଜିଲାରେ କାମ କରିବାକୁ ମନା କରିବା, ସମସ୍ତ ଜେସିବି ସମାନ କାମକୁ ସମାନ ଦାମ ଆଦି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଜିଲା ଜେସିବି ମାଲିକ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି କ୍ଷୀରୋଦ୍ର ସାହୁ, ଉପ ସଭାପତି ତୁଳାରାମ ବେହେରା, ସମ୍ପାଦକ ସଞ୍ଜୟ ବିଶି, ସହ ସମ୍ପାଦକ ସୁବାଷ ପ୍ରଧାନ, କୋଷାଧକ୍ଷ ଭାବେ ମନୀଷ ବୋଦିଆ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ରଞ୍ଜନ ଦାଶ, ରବି ରତନ ବାରିକ, ଟୁକୁନ ପଣ୍ଡା, ବିଜୟ ମହାନ୍ତି, ସରୋଜ ମହାନ୍ତି, ଜୟନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ମା' ଦୁର୍ଗାଙ୍କ ଭସାଣି ଉତ୍ସବ

ବାଉଁଶୁଣୀ,୧୭।୧୦(ଡି.ଏନ.ଏ.): କରୋନା କଟକଣା ଭିତରେ ବୌଦ୍ଧ ଜିଲା ବାଉଁଶୁଣୀ ଅଞ୍ଚଳର ବିଭିନ୍ନ ପୂଜା ମଣ୍ଡପରେ ଦୁର୍ଗାପୂଜା ଓ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଷ୍ଟାର କ୍ଲବ ଡିମିରିପାଲି ଦୁର୍ଗା ପୂଜା କମିଟି ତରଫରୁ ୫୪ତମ ଶାରଦୀୟ ଦୁର୍ଗାପୂଜା ହୋଇଥିଲା। ପୂଜକ ଭାବରେ ଅକ୍ଷୟ ମିଶ୍ର, କିରଣ ତ୍ରିପାଠୀ, ସଞ୍ଜୟ ମିଶ୍ର ଥିବା ବେଳେ କର୍ତ୍ତା ଭାବେ ଘାସିରାମ ବିଶି, ସାଗର ମଲ୍ଲିକ ପୂଜା କାର୍ଯ୍ୟ ତୁଲାଇ ଥିଲେ। କ୍ଲବର ସଭାପତି କନ୍ଦର୍ପ ସେଠୀ, ସମ୍ପାଦକ ଅଭିମନ୍ୟୁ ମେଶୁଆଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସୀମିତ ଭକ୍ତଙ୍କ ଉପସ୍ଥିତିରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ଜମଘାଟି, ବଦିକଟା, ଦହ୍ୟା, ବହିରାଗୋଛାପଡା ପ୍ରଭୃତି ପୂଜାମଣ୍ଡପରେ ପାରମ୍ପାରିକ ରୀତିନୀତି ଅନୁଯାୟୀ ମା' ଦୁର୍ଗାଙ୍କ ପୂଜା କାର୍ଯ୍ୟ ହୋଇ ଶନିବାର ଭସାଣି ଯାତ୍ରା ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ କୋଭିଡ କଟକଣା ଯୋଗୁ ପ୍ରତ୍ୟେକ ପୂଜାମଣ୍ଡପ ଖାଁ ଖାଁ ଲାଗୁଥିଲା।

## ବୌଦ୍ଧ ବ୍ଲକ ସମବାୟ ସମିତି ସଂଘ ଗଠିତ

ବାଉଁଶୁଣୀ,୧୭।୧୦(ଡି.ଏନ.ଏ.): ବୌଦ୍ଧ ବ୍ଲକ ଓ ଏନଏସି ଅନ୍ତର୍ଗତ ୧୪ ଗୋଟି ସେବା ସମବାୟ ସମିତିର ସମ୍ପାଦକମାନେ ବୌଦ୍ଧ ବ୍ଲକ ସମବାୟ ସମିତି ନାମରେ ଏକ ସଂଘ ଗଠନ କରିଛନ୍ତ। ରବିବାର ବୌଦ୍ଧ ବ୍ଲକ ଚାରିଶମ୍ଭୁ ମନ୍ଦିର ପରିସରରେ ଆୟୋଜିତ ଏକ ବୈଠକରେ ସଂଘ ଗଠନ କରାଯାଇ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ବୌଦ୍ଧ ବ୍ଲକ ସମବାୟ ସଂଘର ସଭାପତି ଭାବେ ଖୁଣ୍ଟବନ୍ଧ ସେବା ସମବାୟ ସମିତିର ସମ୍ପାଦକ ଦେବାଶିଷ ମିଶ୍ର, ସମ୍ପାଦକ ଭାବେ ମନୁପାଲି ସେବା ସମବାୟ ସମିତିର ସମ୍ପାଦକ ଯତୀନ ଶଙ୍କର ଭୋଇ ଓ ତେଲିବନ୍ଧ ସେବା ସମବାୟ ସମିତିର ସମ୍ପାଦକ ସୀତାରାମ ମେହେର କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି। ସମ୍ପାଦକମାନଙ୍କ ମଧ୍ୟରେ ସମନ୍ୱୟ ରଖି ସମବାୟର ବିକାଶ ଦିଗରେ ସଂଘ କାର୍ଯ୍ୟ କରିବ ବୋଲି ବୈଠକରେ ଆଲୋଚନା ହୋଇଥିଲା।

# ଗୁଦାଗୁଦା ପାହାଡ଼ର ରହସ୍ୟମୟ ଗୁମ୍ଫା

- ପୋତି ହୋଇ ପଡ଼ିଛି ଗୁମ୍ଫା ପଥ
- ପଥ ଖୋଲିଲେ ଉନ୍ମୋଚିତ ହୁଅନ୍ତା ରହସ୍ୟ

ବିନିକା,୧୭।୧୦(ଡି.ଏନ୍.ଏ.)


ଗୁମ୍ଫାର ପ୍ରବେଶ ପଥ।

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଓ ଭଣ୍ଡାର ମୌଜାର ମଧ୍ୟ ଭାଗରେ ରହିଛି ଗୁଦଗୁଦା ପାହାଡ। ଅଧା ଏକର ପରିମିତ ଜମି ଉପରେ ଥିବା ଏହି ପାହାଡର ଉଚ୍ଚତା ପାଖାପାଖି ୪୦ଫୁଟ ହେବ। ପାହାଡ ମଧ୍ୟରେ ରହିଛି ଏକ ଆଲୌକିକ ଗୁମ୍ଫା। ଏହାର ଗଭୀରତା ପ୍ରାୟ ୨୦ଫୁଟ। ଏହି ଗୁମ୍ଫାରେ ରହୁଥିଲେ ଜଣେ ସାଧୁ। ତାଙ୍କ କୃପା ଲାଭ କରିବାକୁ ଲୋକେ ସେଠାକୁ ଯାଉଥିବା ଲୋକଶ୍ରୁତିରେ ରହିଛି। ତେବେ ଗତ କିଛିବର୍ଷ ହେବ ଏହି ଗୁମ୍ଫାର ପ୍ରବେଶ ପଥ ଛୋଟ ବଡ ପଥର ଶିଳାରେ ଆବଦ୍ଧ ହେବାକୁ ଲାଗିଛି। କିଛିବର୍ଷ ତଳେ ଏହି ପାହାଡରେ ବିଭିନ୍ନ ପର୍ବ ପର୍ବାଣୀ ପାଳନ ହେଉଥିଲା। ମାତ୍ର ପାହାଡକୁ ଯିବା ପାଇଁ ରାସ୍ତା ନିର୍ମାଣ ନ ହେବାରୁ ସମସ୍ତ ଯାନୀଯାତ୍ରା ବନ୍ଦ ହୋଇଯାଇଛି। ଏଥିସହ ପାହାଡ ତଳ ଗୁଦାଗୁଦା ପୋଖରୀ ମଧ୍ୟ ଗୁଳ୍ମଲତାରେ ପରିପର୍ଣ୍ଣ ହୋଇଯାଇଛି। ପାପୀ ଏବଂ ସିଂଘିଯୁବାରୁ ଗୁଦଗୁଦା ପାହାଡକୁ ଯିବା ରାସ୍ତା ଦୁର୍ଗମ ହୋଇ ପଡିଛି। ଏଥିସହ ପାହାଡତଳ ଏକ ପଥର ଚଟାଣରୁ ପୁଷ୍କରିଣୀ ପାଣି ବିନା ରନ୍ଧ୍ରରେ ବାହାର ପଟକୁ ନିଷ୍କାଷିତ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରୁଛି। ମାତ୍ର ଗୁଳ୍ମଲତା ଏବଂ ପଥର ଶିଳାରେ ଆବଦ୍ଧ ହୋଇଥିବା ଯୋଗୁଁ ଏବେ ଏହା ବିଷଧର ସାପ ଓ ଜୀବଜନ୍ତୁଙ୍କ ବାସସ୍ଥଳ ପାଲଟି ଯାଇଛି। ଏହି ଗୁମ୍ଫାର ପ୍ରବେଶ ପଥ ଖନନ କଲେ ବହୁ ନିଗୁଢ ରହସ୍ୟ ଉନ୍ମୋଚନ ହୋଇ ପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ଫେଶନ, ଲାଇଫ ଷ୍ଟାଇଲ୍ ପ୍ରଦର୍ଶନୀ ଉଦ୍‌ଘାଟିତ


ବରଗଡ଼ରେ ଫେଶନ, ଲାଇଫ ଷ୍ଟାଇଲ ପ୍ରଦର୍ଶନୀ କଳା ଉତ୍ସବକୁ ଉଦ୍‌ଘାଟନ କରାଯାଉଛି।

ବରଗଡ଼ ଅଫିସ୍,୧୭।୧୦

ବରଗଡ଼ ସହରର କଳାମନ୍ଦିର ଜୁଏଲେରୀ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ଜୟସିଂହ ଭୋଇ କମ୍ପ୍ଲେକ୍ସରେ ଦୁଇଦିନିଆ ଫେଶନ ଓ ଲାଇଫ୍ ଷ୍ଟାଇଲ କଳା ଉତ୍ସବ ଉଦ୍‌ଘାଟିତ ହୋଇଛି। ସମାଜସେବୀ ମମତା ପୁରୋହିତ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲର ଚେୟାରମ୍ୟାନ ସୁମନ ସାଓ୍ୱାଡ଼ିଆ, ସମାଜସେବୀ ସାବିତ୍ରୀ ଦେବୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନୀରେ ହୀରା ଏବଂ ବିଦେଶ ଆମଦାନୀ ଫେଶନଯୁକ୍ତ ଆଭୂଷଣ, ଆଧୁନିକ ଡିଜାଇନ ବସ୍ତ୍ର, ହସ୍ତତନ୍ତ ସାମଗ୍ରୀ ସ୍ଥାନିତ ହୋଇଛି। ସେହିପରି ବମ୍ବେରୁ ଆସିଥିବା ବିଉଟିସିଆନଙ୍କ ଦ୍ୱାରା ମହିଳାଙ୍କ ପାଇଁ ମେହେନ୍ଦି ପ୍ରଦର୍ଶିତ ହୋଇଛି। ପ୍ରଦର୍ଶନୀରେ ଭିଡ଼ ଜମୁଥିବାବେଳେ କୋଭିଡ୍ କଟକଣାକୁ ଗୁରୁତ୍ୱ ଦିଆଯାଇଛି। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ପ୍ରଦର୍ଶନୀ ଖୋଲା ରହୁଛି। କଳାମନ୍ଦିରର ମାଲିକ ରମେଶ ଅଗ୍ରୱାଲ, ଅମିତ ଅଗ୍ରୱାଲ କାର୍ଯ୍ୟକ୍ରମ ସଂଯୋଜନା କରୁଛନ୍ତି।

# ଗୋସୁରକ୍ଷା ନେଇ କର୍ମଶାଳା

ବୌଦ୍ଧ,୧୭।୧୦(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ମଥୁରା ପଞ୍ଚାୟତର ଦନ୍ତାପାଲିସ୍ଥିତ ମାହେଶ୍ୱରୀ ଗୋଶାଳା ପରିସରରେ ଗ୍ରାମ୍ୟ ବିକାଶ ପରିଷଦ ପକ୍ଷରୁ ଗୋ ସୁରକ୍ଷା ଉପରେ ଏକ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ବାବା ଖଗେଶ୍ୱର ବାନପ୍ରସ୍ଥିଙ୍କ ଦ୍ୱାରା ଗୋପୂଜନ, ଗୋସେବା, ଗୋବନ୍ଦନା ପରେ ଆୟୋଜିତ କର୍ମଶାଳାକୁ ବିଧାୟକ ପ୍ରଦିପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଧାୟକ ଅମାତ ଗୋଶାଳାର ଭିତ୍ତିଭୂମି ନିର୍ମାଣ ଲାଗି ପୂର୍ଣ୍ଣ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେବା ସହ ଗୋମାତାର ସୁରକ୍ଷା ନିମନ୍ତେ କରାଯାଇଥିବା ଉଦ୍ୟମକୁ ପ୍ରଶଂସା କରିଥିଲେ। ନିର୍ଗୁଣ ମହାକୁଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ସମ୍ପାଦକ କୃତ୍ତିବାସ ପଲିଆ, ଗୋଶାଳାର ଉପାଧ୍ୟକ୍ଷ ବୈଦ୍ୟ ହୃଷିକେଶ କ୍ଷେତି, ସହସମ୍ପାଦିକା ସୁଷମା ଲଉରିଆ ପ୍ରମୁଖ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟବକ୍ତା ଭାବରେ ବାବା ମଧୁସୂଦନ ଦାସ ଯୋଗଦେଇ ଗୋମାତାଙ୍କ ଉତ୍ପତ୍ତି, ଗୋ ମାହାତ୍ମ୍ୟ ଓ ଗୋଆଧାରିତ ଜୀବିକା ଉପରେ ବକ୍ତବ୍ୟ ରଖିଥିଲେ। ବୌଦ୍ଧ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଅମିତାଭ ପଣ୍ଡା ଓ ପୁରୁଣାକଟକ ପ୍ରାଣୀ ଚିକିତ୍ସାଧିକାରୀ ଡା.ରୁଥ ଡୁଙ୍ଗ ଡୁଙ୍ଗ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ଗୋଶାଳା ପରିଚାଳନାରେ ସରକାରୀ ସହାୟତା ଉପରେ ସୂଚନା ଦେଇଥିଲେ। କର୍ମଶାଳାର ମୁଖ୍ୟ ପ୍ରଶିକ୍ଷକ ଭାବରେ ସାମାଜିକ କର୍ମୀ କେଦାରନାଥ ସାହୁ ଯୋଗ ଦେଇ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ବେକାର ଯୁବତୀ ଯୁବକ, କୃଷି ମିତ୍ର, ପ୍ରାଣୀମିତ୍ର ଓ ବୈଦ୍ୟମାନେ ଗୋପାଳନକୁ ଜୀବିକା ଭାବରେ ଗ୍ରହଣ କଲେ ନିଜର ଅର୍ଥନୀତି ସୁଦୃଢ ହେବା ସହିତ ଗୋ ସୁରକ୍ଷା ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। କର୍ମଶାଳାରେ ସମ୍ମାନିତ ଅତିଥି ଭାବରେ ବାମଣ୍ଡା ସରପଞ୍ଚ ଲଳିତ ଥାଟି, ଖୁଣ୍ଟବନ୍ଧ ସମିତି ସଭ୍ୟ ଯୁଧିଷ୍ଠିର ବାରିକ, ସାମାଜିକ କର୍ମୀ ହରି ମିଶ୍ର, ସମିତି ସଭ୍ୟା ରୀତାଞ୍ଜଳୀ ମିଶ୍ର, କପ୍ପୁ କ୍ଷେତି, ଗୋସେବକ କାର୍ତ୍ତିକ ମହାକୁଡ, ଗୋ ଚିକିତ୍ସକ ଅଶୋକ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପପୁନ ଗାଇଗୌରିଆ,ମାହେଶ୍ୱରୀ କ୍ଲବର ଯୁବ ସ୍ୱେଚ୍ଛାସେବୀମାନେ ସକ୍ରିୟ ସହଯୋଗ କରିଥିଲେ। ଶେଷରେ କୋଷାଧକ୍ଷ ଉଦ୍ଧବ କଳତା ଧନ୍ୟବାଦ ଦେଇଥିଲେ।

## ମୁଇଁ ବି ଇ ଗାଁର ଝି ଆଏ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୋନପୁର,୧୭।୧୦(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ପାତାଳି ଶ୍ରୀକ୍ଷେତ୍ର କୋଟସମଲାଇଠାରେ ରଘୁନାଥ ଯୁବକ ସଂଘ ତରଫରୁ ମୁଇଁ ବି ଇ ଗାଁର ଝି ଆଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝିଅମାନେ ବାହାହୋଇ ଶାଶୁ ଘରକୁ ଚାଲି ଯାଆନ୍ତି। ବର୍ଷକୁ ଥରେ ଆଶ୍ୱିନ ମାସରେ ଭାଇ ଜିଉନ୍ତିଆ ପାଇଁ ଅଞ୍ଚଳର ଝିଅ ମାନେ ବାପ ଘରକୁ ଆସିଥାନ୍ତି। ତେଣୁ ସେମାନଙ୍କୁ ଏକ ସମୟରେ ନିର୍ଦ୍ଦିଷ୍ଟ ସ୍ଥାନରେ ପିଲା ଦିନର ସାଙ୍ଗ ସାଥୀଙ୍କ ସହ ମିଶେଇବା ଓ ଗାଁର ଉତ୍କର୍ଷ ହାସଲ କରିଥିବା ଝିଅ ମାନଙ୍କ ସହିତ ପରିଚିତ କରାଇବା ପାଇଁ ଏହି ଅଭିନବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମ୍ୟୁଜିକାଲ ଚେୟାର ଓ ବେଲୁନ ଖେଳ ସହିତ ପ୍ରବନ୍ଧ, ବକ୍ତୃତା, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗାଁର କୃତି ଝିଅ ବ୍ରଜିନ କର୍ମୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କୃତି ପ୍ରତିଯୋଗୀ ରୋଜାଲିନ କୁରୁକୁରିଆ, ଶର୍ମିଷ୍ଠା ରାଣୀ ବିଶି, ଇପ୍‌ସିତା ପ୍ରିୟଦର୍ଶିନୀ ପାଢୀ ଓ କୁନ୍ତୀ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ପାଢୀ ସ୍ୱାଗତ ସଙ୍ଗୀତର ରଚନା ଓ ନିର୍ଦ୍ଦେଶନା ଦେଇଥିଲା ବେଳେ ଅଚ୍ୟୁତାନନ୍ଦ କୁରୁକୁରିଆ ସଙ୍ଗୀତ ପରିଚାଳନା କରିଥିଲେ। ସ୍ମୃତିପ୍ରଭା ପାଢୀ ମଞ୍ଚ ପରିଚାଳନା କରିଥିଲେ। ଗାଁ ଗଡତାନୀ ସୈରେନ୍ଦ୍ରୀ ଅମାତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାଇ ଜିଉନ୍ତିଆ ପରମ୍ପରା ବିଷୟରେ ବୁଝାଇବା ସହ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଜାନକିରାମ ଦେହୁରୀ ଯୋଗଦାନ କରିଥିଲେ।

## ଦଣ୍ଡ ନୃତ୍ୟ ଦେଖିବାକୁ ଆସିଥିବା ଯୁବକଙ୍କ ବାଇକ୍ ଚୋରି

ବାଉଁଶୁଣୀ,୧୭।୧୦(ଡି.ଏନ.ଏ.)

ଦଣ୍ଡନୃତ୍ୟ ଦେଖିବାକୁ ଆସି ଜଣେ ଯୁବକଙ୍କ ବାଇକ୍ ଚୋରି ହୋଇଯାଇଛି। ଏ ନେଇ ବାଉଁଶୁଣୀ ଥାନାରେ ଅଭିଯୋଗ ହୋଇଛି। ବୌଦ୍ଧ ବ୍ଲକ ଅଁଳାପାଲି ଗ୍ରାମ ପଞ୍ଚାୟତ ବାଦୀକଟା ଗ୍ରାମରେ ଦଶହରା ଅବସରରେ ଅନୁଷ୍ଠିତ ହେଉଥିଲା ଦଣ୍ଡନୃତ୍ୟ। ଏହି କାର୍ଯ୍ୟକ୍ରମ ଦେଖିବା ପାଇଁ ମନମୁଣ୍ଡା ଖଇରମାଲ ଗ୍ରାମର ଅଶୋକ କୁମାର ବାରିକ ନିଜ ବାଇକ୍ ଧରି ବାଦୀକଟା ଗ୍ରାମକୁ ଯାଇଥିଲେ। ରାତିରେ ଚାଲିଥାଏ ଦଣ୍ଡନୃତ୍ୟର ସୁଆଙ୍ଗ ପରିବେଷଣ। ନୃତ୍ୟ ଦେଖି ଅଧିକ ରାତି ହେବା ପରେ ଅଶୋକ ଜଣେ ସମ୍ପର୍କୀୟଙ୍କ ଘରେ ଶୋଇ ପଡିଥିଲେ। ସକାଳୁ ଦେଖିଲା ବେଳକୁ ସମ୍ପର୍କୀୟ ଶାନ୍ତନୁ ବାରିକଙ୍କ ଘର ଆଗରେ ତାଙ୍କ ବାଇକ୍‌ଟି ନାହିଁ। କେହି ଦୁର୍ବୃତ୍ତ ବାଇକ୍‌କୁ ଚୋରି କରି ନେବା ଜାଣିବା ପରେ ଶନିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଚଳାଇଛି।

## ଶରତ ସ୍ମାରକୀ ଫୁଟବଲ: ଫୁଲଚରା ଚାମ୍ପିୟନ


ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳିମାନେ।

ଅମରପାଲି,୧୭।୧୦(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟେସିଂହା ଭୀମ ଭୋଇ ସେବା ସଂଘ ଆନୁକୂଲ୍ୟରେ ପ୍ରଥମ ଶରତ ସ୍ମାରକୀ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆଠଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ସୁବଳୟା ଓ ଫୁଲଚରା ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଦୁଇ ଦଳ ମଧ୍ୟରେ ଖେଳ ବରାବର ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଫୁଲଚରା ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଜଟେସିଂହା ହାଇସ୍କୁଲ ପ୍ରଧାନଶିକ୍ଷକ ତ୍ରିପୁରାରୀ ରଥ ମୁଖ୍ୟ ଅତିଥି, କ୍ରିଡାବିତ୍ ଅରୁଣ କୁମାର ସିଂହ, ସ୍ୱେଚ୍ଛାସେବୀ ସୁଧୀର କୁମାର ପାଣିଗ୍ରାହୀ, ଜିଲା ନେହେରୁ ଯୁବକେନ୍ଦ୍ର ସଦସ୍ୟ ଆଶିଷ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଭୟ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କାର ବିତରଣ କରିଥିଲେ। କୁନା ପାତ୍ର, ଅଜିତ ନାଏକ, ପ୍ରଶାନ୍ତ ଷାଣ୍ଢ ଖେଳ ପରିଚାଳନା କରିଥିବାବେଳେ ଉମାକାନ୍ତ ବିଶାଳ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଦିନେଶ ବିଶ୍ୱାଳ, ପ୍ରଶାନ୍ତ ମାଝୀ, ଅଜସ୍ରୀ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ବୃନ୍ଦାବନ ବିଶ୍ୱାଳ, ବଳରାମ ସାହୁ, ରାଘବ ଦାସ, ଅଜିତ କୁମାର ସେଠୀ, ବଳଦେବ ବିଶ୍ୱାଳ, ଅଜିତ ପଧାନ ସହ ସଂଘର ସମସ୍ତ ସଦ୍ସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଚକଡ଼ା ପ୍ରଭାବିତ ଜମି ପରିଦର୍ଶନ କଲେ କୃଷି ଅଧିକାରୀ

ବିନିକା,୧୭।୧୦(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ବାବୁପାଲି, ବାଙ୍କିଘିର୍ଡି, ସିଂଘିଯୁବା ଆଦି ଗାଁର ଚାଷୀଙ୍କ ଧାନଖେତ ଏବେ ଚକଡା(ମାଟିଆଗୁଣ୍ଡି ପୋକ) ଦ୍ୱାରା ପ୍ରଭାବିତ ହୋଇଛି। ରବିବାର ପ୍ରଭାବିତ ଚାଷ ଜମିକୁ ବୁଲି ଦେଖିଛନ୍ତି ବ୍ଲକ କୃଷି ଅଧିକାରୀ ରାକେଶ ରଞ୍ଜନ ମଲ୍ଲିକ ଓ କୃଷି ବିଜ୍ଞାନ କେନ୍ଦ୍ର ସୁବର୍ଣ୍ଣପୁରର ବୈଜ୍ଞାନିକ ତ୍ରିନାଥ ଖଣ୍ଡାୟତରାୟ। ପୂର୍ବାହ୍ନ ୧୦ଟାରେ ସେମାନେ ବାବୁପାଲି ମୌଜାରେ ବିଭିନ୍ନ କୃଷିକ୍ଷେତ୍ରକୁ ଯାଇ ପ୍ରଭାବିତ ଚାଷ ଜମି ବୁଲି ଦେଖିଥିଲେ। ଜମିରେ ରୋଗପୋକ ପ୍ରାଦୁର୍ଭାବ ହ୍ରାସ ପାଇଥିବା ଦୁଇ କୃଷି ବିଶେଷଜ୍ଞ କହିଛନ୍ତି। କେବଳ ଚକଡା କ୍ଷତିଗ୍ରସ୍ତ ନୁହେଁ, ଅନ୍ୟ ରୋଗପୋକଦ୍ୱାରା କ୍ଷୟକ୍ଷତି ହୋଇଥିଲେ ଆକଳନ କରି ପ୍ରତି ହେକ୍ଟର ପିଛା ୫ଶହ ଟଙ୍କା ଲେଖାଏଁ ସହାୟତା ରାଶି ଚାଷୀଙ୍କୁ ପ୍ରଦାନ କରାଯିବ ବୋଲି କହିଥିଲେ। ଗସ୍ତ ସମୟରେ କୃଷି କର୍ମଚାରୀ ଶର୍ମିଷ୍ଠା କ୍ଷେତୀ, ରାଜେଶ ନାଏକ, ହେମନ୍ତ ଭୋଇ ଏବଂ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ।


କୃଷି ଅଧିକାରୀମାନେ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

## କ୍ଲବ ଘର କବାଟ ଭାଙ୍ଗି ଲୁଟିଲେ ଖେଳ ସାମଗ୍ରୀ

ବିନିକା,୧୭।୧୦(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଖଇରମାଳ ନେତାଜୀ କ୍ଲବ କବାଟ ଭାଙ୍ଗି ଶନିବାର ବିଳମ୍ବିତ ରାତିରେ ଚୋରମାନେ ବହୁ ଟଙ୍କାର ବିଦ୍ୟୁତ୍ ଓ ଖେଳ ସାମଗ୍ରୀ ଚୋରି କରି ନେଇଛନ୍ତି। କ୍ଲବ କର୍ତ୍ତୃପକ୍ଷ ରବିବାର ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଚୋରି ସାମଗ୍ରୀ ମଧ୍ୟରେ ରହିଛି ଏକ ଏଲଇଡି ରଙ୍ଗୀନ ଟିଭି, ଟାଟା ସ୍କାଏ ସେଟଅପ ବକ୍ସ, ବିଦ୍ୟୁତ୍ ବୋର୍ଡ, ତାର ଓ ଖେଳ ସାମଗ୍ରୀ। ବିନିକା ପୋଲିସ ଘଟଣାସ୍ଥଳରେ ପହଞ୍ଚ ତନାଘନା ଚଳାଇଛି। ଗତ ୬ମାସ ମଧ୍ୟରେ ଖଇରମାଳରେ ଏହା ଦ୍ୱିତୀୟ ଚୋରି ଘଟଣା। ଗତ ୩।୪।୨୧ରିଖ ରାତିରେ ହରିଶଙ୍କର ବାବାଙ୍କ ଦାନବାକ୍ସ ଭାଙ୍ଗି ଚୋରମାନେ ଲକ୍ଷାଧିକ ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାର ଅଭିଯୁକ୍ତ ଏ ଯାଏ ଗିରଫ ହୋଇ ନାହାନ୍ତି।

## ଶିଶୁକନ୍ୟାର ଚିକିତ୍ସାରେ ଅର୍ଥ ବାଧକ

ବରଗଡ଼ ଅଫିସ୍,୧୭।୧୦

ବରଗଡ଼ ଜିଲା ବିଜେପୁର ବ୍ଲକ ଯୋଖିପାଲି ଗ୍ରାମର ବୁଦ୍ଧଦେବ ବରିହାଙ୍କ ଶିଶୁକନ୍ୟା ଉତ୍ତରା(୧୦)। ତାଙ୍କ ପେଟରେ ଏକ ଟ୍ୟୁମର ବଢ଼ି ଚାଲିଛି। ମାତ୍ର ଅର୍ଥାଭାବ ଯୋଗୁ ପରିବାର ଲୋକେ ଉତ୍ତରାଙ୍କ ଚିକିତ୍ସା କରିପାରୁନାହାନ୍ତି। ଅନ୍ୟପଟେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ଅଧିକ ବିଗିଡ଼ିବାରେ ଲାଗିଛି। ଏହାକୁ ନେଇ ପରିବାର ଲୋକେ ଚିନ୍ତିତ ହୋଇ ପଡ଼ିଛନ୍ତି। ବୁଦ୍ଧଦେବ କୁଲିମଜୁରୀ କରି ପରିବାର ପୋଷିଥାନ୍ତି। କିଛିଦିନ ତଳେ ଶିଶୁକନ୍ୟାର ପେଟରେ ଅଧିକ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ଚିକିତ୍ସା ପାଇଁ ଶିଶୁକନ୍ୟାକୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ନେଇଥିଲେ। ପରୀକ୍ଷା ପରେ ତାଙ୍କ ପେଟରେ ଟ୍ୟୁମର ବଢୁଥିବା ଜଣାପଡ଼ିଥିଲା। ଏହାପରେ ତାଙ୍କୁ ବୁର୍ଲା ଡାକ୍ତରଖାନା ନେବା ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି। ମାତ୍ର ବୁଦ୍ଧଦେବ ଗରିବ ଶ୍ରେଣୀର ହୋଇଥିବାରୁ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଖବର ପାଇ ସ୍ଥାନୀୟ ସ୍ୱେଚ୍ଛାସେବୀ ଦିବସ କୁମାର ସାହୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଚିକିତ୍ସା କରିବା ପାଇଁ ସହଯୋଗ କରିବେ ବୋଲି କହିବା ସହିତ ଭୀମସାର କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଛନ୍ତି। ଅନ୍ୟପଟେ ଜିଲା ରେଡ଼କ୍ରସ ପାଣ୍ଠିରୁ ଉତ୍ତରାଙ୍କ ଚିକିତ୍ସା ପାଇଁ ସହଯୋଗ କରିବାକୁ ସଚେତନ ନାଗରିକ ମହଲରେ ମତପ୍ରକାଶ ପାଇଛି।


ଅସୁସ୍ଥ ଶିଶୁକନ୍ୟା।

## ୧୧ ପାଣି ମୋଟର ଜବତ, ଅଭିଯୁକ୍ତ ଗିରଫ

ସୋନପୁର,୧୭।୧୦(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର ବିଭିନ୍ନ ସ୍ଥାନରୁ ପାଣି ମୋଟର ଚୋରି କରୁଥିବା ରାମ ଘଡିଆ(୨୧)ଙ୍କୁ ସୋନପୁର ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସୋନପୁର ସହର କଳିଙ୍ଗ ନଗର ଅଞ୍ଚଳର ରାମଙ୍କ ନିକଟରୁ ପୋଲିସ ୧୧ଟି ଚୋରି ପାଣି ମୋଟର ଉଦ୍ଧାର କରିଛି। ସୋନପୁର ସହର ସମେତ ଆଖପାଖ ଅଞ୍ଚଳରେ କ୍ରମାଗତ ଭାବେ ପାଣି ମୋଟର ଚୋରି ହେବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ସୋନପୁରର ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ମେହେରଙ୍କ ସରକାରୀ ବାସଭବନରୁ ମୋଟର ଚୋରି ହୋଇଥିବା ନେଇ ଗତ ୧୨ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ସେହିପରି ହଳଦିପାଲି ଗ୍ରାମର ଜୟକୃଷ୍ଣ ସାହାଙ୍କ ସମେତ ଅନ୍ୟମାନଙ୍କ ଘରୁ ମୋଟର ଚୋରି ହୋଇଥିବା ନେଇ ଏକାଧିକ ମାମଲା ରୁଜୁ ହୋଇଥିଲା। ରାମ ପାଣି ମୋଟର ଚୋରି କରି ବିଭିନ୍ନ ଲୋକଙ୍କୁ ବିକ୍ରି କରିଥିଲା। ପୋଲିସ ତନାଘନା କରିବା ସହ ରାମଙ୍କୁ ଶନିବାର ଗିରଫ କରିଛି। ସେହିପରି ଅଭିଯୁକ୍ତଙ୍କ ନିକଟରୁ ଚୋରି ପାଣି ମୋଟର ଉଦ୍ଧାର କରାଯାଇଥିବା ସୋନପୁର ଏସ୍‌ଡିପିଓ ପୁଷ୍ପାଞ୍ଜଳି ନିଙ୍ଗୀ ଟାଉନ ଥାନାରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୋନପୁର ଆଇଆଇସି ପୁଷ୍ପେନ୍ଦୁ ସାଗର ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ।


ଗିରଫ ଅଭିଯୁକ୍ତଙ୍କ ସହ ଉଦ୍ଧାର ପାଣି ମୋଟର।

## ଖବରଦାତାଙ୍କ ଭ୍ରାତୃ ବିୟୋଗ

ବୌଦ୍ଧ,୧୭।୧୦(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁର ଧରିତ୍ରୀ ଖବରକାଗଜର ଖବରଦାତା କୁନା ବେହେରାଙ୍କ ଭାଇ ଅନିରୁଦ୍ଧ ବେହେରାଙ୍କ ରବିବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୪୭ ବର୍ଷ ହୋଇଥିଲା। ସ୍ୱର୍ଗତ ଅନିରୁଦ୍ଧ ବନ ବିଭାଗରେ ୨୫ ବର୍ଷ ହେବ ୱାଚର ଭାବେ କାର୍ଯ୍ୟ କରୁଥିଲେ। ଗତ ୪ ମାସ ତଳେ ସେ କରୋନାରେ ସଂକ୍ରମିତ ହୋଇଥିଲେ। କରୋନାରୁ ଭଲ ହେବା ପରେ ଘରେ ରହିଥିଲେ। ଶନିବାର ଦିନ ହଠାତ୍ ତାଙ୍କର ମଧୁମେହ ଓ ରକ୍ତଚାପ ବଢିଯିବା ସହ ବାନ୍ତି ହୋଇଥିଲା। ପରିବାର ଲୋକ ତାଙ୍କୁ ଔଷଧ ଆଣି ଦେଇଥିଲେ। କିନ୍ତୁ ରବିବାର ପୂର୍ବାହ୍ନ ୧୧ଟା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ଜଣେ ମେଳାପି, ଭଦ୍ର, ଆମାୟିକ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ତଳଗାଁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।